ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

visit us at
www.paryabekhyak.com

FIND US ON
facebook.com/paryabekhyak

FOLLOW US
ON TWITTER
twitter.com/paryabekhyak

Vol.25 . No.96 Bhubaneswar Thursday May 26 2022 | ୨୫ତମ ବର୍ଷ ସଂଖ୍ୟା-୯୬ ଭୁବନେଶ୍ୱର, ଗୁରୁବାର, ମଇ ୨୬, ୨୦୨୨ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹1.50 (Air Surcharge - 0.50P) Member-INS




କିସ୍ ଅଧ୍ୟକ୍ଷ ଶ୍ରୀ ସତ୍ୟ ମହାପାତ୍ର ଭାଟିକାନଠାରେ ଖ୍ରୀଷ୍ଟିଆନ ସର୍ବୋଚ୍ଚ ଧର୍ମଗୁରୁ ପୋପଙ୍କୁ ଓଡ଼ିଆ ପଟ୍ଟଚିତ୍ର ଉପହାର ଦେଉଛନ୍ତି

## କଳିଙ୍ଗା ଘାଟିରେ ପଶ୍ଚିମବଙ୍ଗର ପର୍ଯ୍ୟଟକ ବସ ଓଲଟି ୬ ମୃତ

ଭୁବନେଶ୍ୱର, ୨୫।୫(ପି.ଏନ): ମଙ୍ଗଳବାର ବିଳମ୍ବିତ ରାତ୍ରୀରେ କନ୍ଧମାଳ ସୀମାନ୍ତ ଦୁର୍ଗାପ୍ରସାଦ ନିକଟ କଳିଙ୍ଗା ଘାଟିରେ ପଶ୍ଚିମ ବଙ୍ଗର ଏକ ପର୍ଯ୍ୟଟକ ମାନଙ୍କୁ ନେଇ ଯାଉଥିବା ବସ ଦୁର୍ଘଟଣାଗ୍ରସ୍ତ ହୋଇଛି । ଏହି ଦୁର୍ଘଟଣାରେ ଟି ୬ଜଣଙ୍କ ଜୀବନ ଯାଇଛି ବେଳେ ଅନେକ ଯାତ୍ରୀ ଆହତ ହୋଇଛି । ମିଳିଥିବା ସୂଚନା ଅନୁସାରେ ଦୁର୍ଘଟଣାପରେ ପୁଲିସ ଓ ଦମକାଳବାହିନୀ ସହାୟତାରେ ଗୁରୁତରମାନଙ୍କୁ ଉଦ୍ଧାର କରାଯାଇଛି। ଆହତ ହୋଇଥିବାବେଳେ ୧୪ ଜଣଙ୍କୁ ଗୁରୁତର ଅବସ୍ଥାରେ ମେକେସିଜିରେ ଭର୍ତ୍ତି କରାଯାଇଥିବାବେଳେ ୧୬ଜଣଙ୍କୁ ଭଞ୍ଜନଗର ହସପିଟାଲରେ ଭର୍ତ୍ତି କରାଯାଇଛି। ଅନ୍ୟମାନେ ସାମାନ୍ୟ ଆହତ ହୋଇଥିବା ସୂଚନା ମିଳିଛି।ମିଳିଥିବା ସୂଚନା ଅନୁସାରେ ବିଶାଖାପାଟଣା ଅଭିମୁଖେ ଯାଉଥିବା ବେଳେ କଳିଙ୍ଗା ଘାଟିରେ ଡ୍ରାଇଭରର ଭାରସାମ୍ୟ ହରାଇବାରୁ ବସଟି ଓଲଟି ପଡିଥିଲା। ଦମକଳବାହିନୀ ଓ ପୁଲିସ ସହ ସ୍ଥାନୀୟ ଲୋକ ମାନେ ସମସ୍ତ ଯାତ୍ରୀଙ୍କୁ ଉଦ୍ଧାର କରି ମେଡିକାଲରେ ଭର୍ତ୍ତି କରିଥିଲେ। ସମସ୍ତ ଯାତ୍ରୀ ପଶ୍ଚିମବଙ୍ଗର ବୋଲି ପୁଲିସ ସୂଚନା ଦେଇଛି। ମୃତକଙ୍କ ପରିଚୟ ଜଣାପଡିନାହିଁ। ପୁଲିସ ପକ୍ଷରୁ ତଦନ୍ତ ଜାରି ରହିଛି।

## ଦୁଇ ଶିଶୁ ଶ୍ରମିକ ଉଦ୍ଧାର : ବସୁନ୍ଧରାରେ ଛାଡିଲା ଶିଶୁ ସୁରକ୍ଷା ବିଭାଗ

ସାଲେପୁର, ୨୫।୫(ପି.ଏନ): ଶିଶୁ ଶ୍ରମିକମାନଙ୍କୁ କାର୍ଯ୍ୟରେ ଲଗାଇବା ଏକ ଦଣ୍ଡନିୟ ଅପରାଧ ବୋଲି ସରକାରଙ୍କ ପକ୍ଷରୁ ଘୋଷଣା କରାଯାଇଛି । ବହୁ ଲାଭଖୋର ମାଲିକ କମ୍ ଅର୍ଥରେ ନିଜର ଫାଇଦା ଉଠାଇବା ପାଇଁ ଶିଶୁମାନଙ୍କୁ ଆଣି ଶ୍ରମିକ ଭାବେ କାମ କରାଉଛନ୍ତି । ଏଭଳି ମାଲିକଙ୍କ ବିରୁଦ୍ଧରେ ବିଭିନ୍ନ ଦଣ୍ଡବିଧାନ କରାଯିବା ତଥା ଧରାପଡିଲେ ଛଅ ମାସରୁ ଦୁଇ ବର୍ଷ କାରାଦଣ୍ଡ କିମ୍ବା ୨୦ ହଜାରରୁ ୫୦ ହଜାର ଟଙ୍କା ପର୍ଯ୍ୟନ୍ତ ଜରିମାନା ଆଦାୟ ପାଇଁ ସରକାରଙ୍କ ପକ୍ଷରୁ ବିଭିନ୍ନ ଧାରାରେ ଆଇନ ମଧ୍ୟ ଲାଗୁ କରାଯାଇଛି । ନିୟମ କାନୁନ ଜାଣିଥିଲେ ବି ନିଶ୍ଚିନ୍ତକୋଇଲି ବ୍ଲକ ବଡକ୍ଷୀର ପଞ୍ଚାୟତ ଗୋପପୁର ଗ୍ରାମର ସୌଭାଗ୍ୟ ରଞ୍ଜନ ସ୍ୱାଇଁ ଓ ପ୍ରମୋଦ କୁମାର ସ୍ୱାଇଁ କେନ୍ଦୁଝର ଜିଲ୍ଲାରୁ ଦୁଇ ଜଣ ଶିଶୁ ଶ୍ରମିକଙ୍କୁ ଆଣି ତାଙ୍କର ମାଛ ଚାଷ କାର୍ଯ୍ୟରେ ନିୟୋଜିତ କରିଥିଲେ । ଏହି ଦୁଇ ମାଲିକ ମାଛ ଗାଡିଆ ଓ କିଛି ଚାଷ ଜମି ନିଲାମ ସୂତ୍ରରେ ଆଣି ସେଥିରେ ଚାଷ ବାସ କରୁଥିବାରୁ ଏହି କାର୍ଯ୍ୟରେ ସେମାନଙ୍କୁ ଲଗାଇଥିଲେ । ୧୪ ବର୍ଷରୁ କମ୍ ଶିଶୁମାନଙ୍କୁ ମାଛ ଚାଷ କାର୍ଯ୍ୟରେ ନିୟୋଜିତ କଲେ ଆଇନ ଅନୁଯାୟୀ କଠୋର ଦଣ୍ଡରେ ଦଣ୍ଡିତ କରାଯିବ ବୋଲି ନିୟମ ରହିଛି । ଏ ସଂକ୍ରାନ୍ତରେ ମୋବାଇଲ ଯୋଗେ ପ୍ରଭାଗ୍ୟ ଶ୍ରମ ଆୟୁକ୍ତ କାର୍ଯ୍ୟାଳୟର ଗ୍ରାମୀଣ ଶ୍ରମନିରୀକ୍ଷକ ସୁଶ୍ରି ସଂଗୀତା ସ୍ୱାଇଁଙ୍କଠାରେ କେହି ବ୍ୟକ୍ତି ଅଭିଯୋଗ କରିଥିଲେ । ଉକ୍ତ ଅଭିଯୋଗକୁ ଆଧାର କରି ନିଶ୍ଚିନ୍ତକୋଇଲି ପୋଲିସ ସହାୟତାରେ ଶିଶୁ ସୁରକ୍ଷା ଅଧିକାରୀ ପ୍ରଗତୀ ମହାନ୍ତି, ଜିଲ୍ଲା ସଂଯୋଜକ ନାରାୟଣ ଶୁକ୍ଳା ସଦଳବଳେ ଗୋପପୁର ଗ୍ରାମରେ ପହଂଚି ୧୧ ଓ ୧୩ ବର୍ଷର ଦୁଇ ଜଣ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରିଛନ୍ତି । ଏହି ଦୁଇ ଶିଶୁ ଶ୍ରମିକ ୫ମ ଓ ୭ମ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷା ଅଧ୍ୟୟନ କରି ଆଉ ପାଠ ନପଢି ମାସିକ ୫ ହଜାର ଟଙ୍କା ବେତନରେ ଜନୈକ ଦଲାଲଙ୍କ ଜରିଆରେ କାମ କରିବା ପାଇଁ ଆସିଥିଲେ । ଏହି ଦୁଇ ଶ୍ରମିକଙ୍କୁ ବସୁନ୍ଧରାରେ ଛଡା ଯାଇଥିଲା ବେଳେ କାଲି ସେମାନଙ୍କୁ ପଚରାଉଚରା କରାଯିବା ପରେ ଆଇନ ଅନୁଯାୟୀ ଦୁଇ ମାଲିକଙ୍କ ବିରୋଧରେ ଦଣ୍ଡବିଧାନ କରାଯିବ ବୋଲି ଶିଶୁ ସୁରକ୍ଷା ଅଧିକାରୀ ପ୍ରକାଶ କରିଛନ୍ତି ।

## ଧାମରାରେ ଜମିଜମାକୁ ନେଇ ମରଣାନ୍ତକ ଆକ୍ରମଣ, ୪୮ଘଂଟା ପରେ ମଧ୍ୟ ପୁଲିସ ନିଷ୍କ୍ରିୟ

ଭଦ୍ରକ, ୨୫।୫(ପି.ଏନ): ଭଦ୍ରକ ଜିଲା ଧାମରା ନିକଟସ୍ଥ ଜଳି ପାଇକସାହି ଠାରେ ଏକ ଜମିଜମାକୁ ନେଇ ୨ପରିବାର ମଧ୍ୟରେ ଗଣ୍ଡଗୋଳ ହୋଇଥିବା ବେଳେ ଦୀର୍ଘ ୪୮ଘଂଟା ପରେ ପୁଲିସ ଆଶ୍ରିତଙ୍କୁ କେବଳ କାଗଜପତ୍ରରେ ନିୟମ ଦେଖାଉଥିବା ଅଭିଯୋଗ ହୋଇଛି। ଖବରରୁ ପ୍ରକାଶ ଜାଗୁଳା ପଂଚାୟତ ଅଧିନସ୍ଥ ଜଳି ପାଇକସାହି ସନାତନ ମଣ୍ଡଳ ଏକ ପୋଖରୀକୁ ଦୀର୍ଘ ୩୦ବର୍ଷ ହେବ ଦଖଲ କରି ନିଜର ବୋଲି ଦାବୀ କରି ଆସୁଥିଲେ। ଏହି ପୋଖରୀଟି ସେହି ଗ୍ରାମର ସତ୍ୟବାନ ଜେନାଙ୍କର ବୋଲି ସତ୍ୟବାନ ମଧ୍ୟ ପୁଲିସ ପାଖରେ ଦାବୀ କରି ଆସୁଥିଲେ। ଗତ ୨୩ତାରିଖ ଦିନ ସତ୍ୟବାନ ଜେନା ଏହି ପୋଖରୀକୁ ପୋତିବା ପାଇଁ ଏକ ଜେସିବି ଆଣି ମାଟି ପକାଇ ପୋତିବା ଆରମ୍ଭ କରିଥିଲେ । ଏହି ସମୟରେ ସନାତନ ଆସି କାହିଁକି ଏହି ପୋଖରୀକୁ ପୋତୁଛ ବୋଲି ପଚାରିଥିଲେ। ଏହି କଥା କଟାକଟିରୁ ନେଇ ସତ୍ୟବାନ ଜେନା ଏବଂ ତାଙ୍କ ପରିବାର ସନାତନ ମଣ୍ଡଳକୁ ମରଣାନ୍ତକ ଆକ୍ରମଣ କରିଥିଲେ,ଏ ନେଇ ସୋସିଆଲ ମିଡିଆରେ ଏକ ଭିଡିଓ ଭାଇରାଲ ହୋଇଥିଲା।ଏହି ଗଣ୍ଡଗୋଳ ସମୟରେ ସ୍ଥାନୀୟ ଗ୍ରାମବାସୀ ଏହି ଗଣ୍ଡଗୋଳକୁ ମେଂଟାଇଥିବା ବେଳେ ସନାତନ ଲହୁଲୁହାଣ ହୋଇ ଯାଇ ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେବା ପରେ ଧାମରା ମେରାଇନ ଥାନାରେ ଏକ ଲିଖିତ ଅଭିଯୋଗ କରି ନ୍ୟାୟ ଭିକ୍ଷା କରିଥିଲେ।ଲିଖିତ ଅଭିଯୋଗର ୨ଦିନ ବିତିଯାଇଥିଲେ ମଧ୍ୟ ପୁଲିସ ପ୍ରଶାସନ ସନାତନ ମଣ୍ଡଳକୁ କେବଳ କାଗଜପତ୍ରରେ ନିୟମ ଦେଖାଉଥିବା ବେଳେ ଗଣ୍ଡଗୋଳ କରିଥିବା ଲୋକଙ୍କୁ ଘଂଟ ଘୋଡାଇ ଚାଲିଛି ବୋଲି ସନାତନଙ୍କ ପରିବାର ଅଭିଯୋଗ ଆଣିଛନ୍ତି। ଅନ୍ୟ ପକ୍ଷରେ ଧାମରା ମେରାଇନ ଥାନାଧିକାରୀ ତୁସୀଲ ମାଝୀ ଏହାର ପ୍ରତିକ୍ରିୟା ସ୍ୱରୂପ ସନାତନଙ୍କ ଲିଖିତ ଅଭିଯୋଗ ଏବଂ ସତ୍ୟବାନଙ୍କ ଲିଖିତ ଅଭିଯୋଗ ପାଇ ୨ଟି କେସ ରୁଜୁ କରିଛନ୍ତି ।ଏହି ଗଣ୍ଡଗୋଳରେ ମାଡ ଖାଇଥିବା ସନାତନ ନ୍ୟାୟ ନ ପାଇବାରୁ ଆଗାମୀ ଦିନରେ ଓ ପରିବାର ଭଦ୍ରକ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କ ଦ୍ୱାରସ୍ଥ ହେବେ ବୋଲି ପ୍ରତିକ୍ରିୟା ରଖିଛନ୍ତି। ଅନ୍ୟ ପକ୍ଷରେ ଏହି ଘଟଣାରେ ତଦନ୍ତ କରୁଥିବା ଏଏସଆଇ ମହାରଣା କେବଳ ପ୍ରତିପକ୍ଷଙ୍କୁ ନୋଟିସ ଜାରୀ କରିଛନ୍ତି ବୋଲି କହିଥିବା ବେଳେ ମାଡ ଖାଇଥିବା ଲୋକଙ୍କୁ ପୁଲିସ କଣ ନ୍ୟାୟ ଦେବ ବୋଲି ପଚାରିବାରୁ ସେ ନିଜର ପ୍ରତିକ୍ରିୟା ରଖି ମୁଁ କଣ ସେମାନଙ୍କୁ ଫାଶୀ ଦେବୀ ବୋଲି ଗଣ ମାଧ୍ୟମ ପ୍ରତିନିଧିଙ୍କୁ ପ୍ରଶ୍ନ କରିଥିଲେ।


## ଜାପାନରୁ ଫେରି ପ୍ରଧାନମନ୍ତ୍ରୀ କଲେ କେନ୍ଦ୍ର ମନ୍ତ୍ରିମଣ୍ଡଳର ବୈଠକ

ନୂଆଦିଲ୍ଲୀ, ୨୫।୫(ପି.ଏନ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବୁଧବାର ଦିନ କେନ୍ଦ୍ରୀୟ ମନ୍ତ୍ରିମଣ୍ଡଳର ବୈଠକ କରିଛନ୍ତି । ରେ ସରକାରଙ୍କ ବିକାସମୂଳକ ଯୋଜନାର ସମୀକ୍ଷା କରାଯାଉଛି। ପ୍ରଧାନମନ୍ତ୍ରୀ ମୋଦୀ ଆଜି ଅହଲେସୁବହ ଜାପାନରୁ କ୍ୱାଡ଼ ଶିଖର ସମ୍ମିଳନୀରେ ସାମିଲ ହୋଇ ଫେରିଛନ୍ତି।

## ମଂକି ପକ୍ସ ୧୭ ଦେଶରେ ପହଂଚିଲା

ନୂଆଦିଲ୍ଲୀ, ୨୫।୫(ପି.ଏନ): କରୋନା ମହାମାରୀ ମଧ୍ୟରେ ଏବେ ମଂକି ପକ୍ସ ନାମରେ ଭାଇରସ ଚିନ୍ତା ବଢ଼ାଇଛି। ମଂକି ପକ୍ସ ଏବେ ପର୍ଯ୍ୟନ୍ତ ବିଶ୍ୱର ୧୭ ଦେଶରେ ପହଂଚିଛି ଏବଂ ଏଠାରେ ଏବେ ଶୀଘ୍ର ବ୍ୟାପୁଛି। ଏହାର ବିପଦକୁ ଦେଖି କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରାଂଳ ରାଜ୍ୟକୁ ସତର୍କତା ବଢ଼ାଇବାର ନିର୍ଦ୍ଦେଶ ଜାରି କରିଛି। ଏହାସହିତ ଏୟାରପୋର୍ଟରେ ଦୃଷ୍ଟି ବଢ଼ାଇବା କୁହାଯାଇଥିଲା। ବିଶେଷ ଭାବରେ ପ୍ରଭାବିତ ଦେଶରୁ ଆସୁଥିବା ଯାତ୍ରିଙ୍କୁ ଯାଂଚ କରିବାକୁ କୁହାଯାଇଛି। ନ୍ୟାସନାଲ ଇଂଷ୍ଟିଚ୍ୟୁଟ୍ ଅଫ୍ ବାୟରୋଲୋଜି(ଏନ୍ଆଇବି)ର ବରିଷ୍ଠ ବୈଜ୍ଞାନିକ ପ୍ରଜ୍ଞା ଯାଦବ କହିଛନ୍ତି ଯେ ମଂକି ପକ୍ସର କୌଣସି ବି ମାମଲା ଦେଶରେ ଆସିନାହିଁ।

## ୟାସିନ୍ ମଲିକଙ୍କୁ ଆଜୀବନ କାରାଦଣ୍ଡ



ଜମ୍ମୁ, ୨୫।୫(ପି.ଏନ): କଶ୍ମୀରିର ବିଚ୍ଛିନ୍ନତାବାଦୀ ନେତା ୟାସିନ୍ ମଲିକଙ୍କୁ ଆଜି ଆଜୀବନ କାରାଦଣ୍ଡରେ ଦଣ୍ଡିତ କରାଯାଇଛି। ଆତଙ୍କବାଦୀଙ୍କୁ ପାଣ୍ଠି ଯୋଗାଇବା ଅଭିଯୋଗରେ ୟାସିନ୍ ଦୋଷୀ ସାବ୍ୟସ୍ତ ହୋଇଥିଲେ। ଆଜି ତାଙ୍କ ବିରୋଧରେ ରାୟ ଆସିଛି। ୟାସିନ୍ ମଲିକଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି ଦିଲ୍ଲୀସ୍ଥିତ ସ୍ୱତନ୍ତ୍ର 'ଏନ୍ଆଇଏ' ଅଦାଲତ। ୟାସିନଙ୍କୁ ଦୁଇଟି ମାମଲାରେ ୨ଥର ଆଜୀବନ କାରାଦଣ୍ଡରେ ଦଣ୍ଡିତ କରାଯାଇଛି। ସେହିପରି ଅନ୍ୟ ୫ଟି ମାମଲାରେ ପ୍ରତ୍ୟେକ୧୦ ବର୍ଷ ଲେଖାଁଏ ଜେଲଦଣ୍ଡ ହୋଇଛି। ସମସ୍ତ ଜେଲଦଣ୍ଡ ଏକକାଳୀନ ଲାଗୁ ପାଇଁ ନିର୍ଦ୍ଦେଶ ଜାରି ହୋଇଛି। ସେହିପରି ୧୦ ଲକ୍ଷ ଟଙ୍କା ଜରିମାନା କରାଯାଇଛି। ଆଜି ୟାସିନ୍ ମଲ୍ଲିକଙ୍କ ବିରୋଧରେ ଚୂଡାନ୍ତ ରାୟ ଆସିବାକୁ ଥିବାରୁ ପଟିଆଲାର ଏନଆଇଏ କୋର୍ଟ ପରିସରରେ କଡା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା।ଆତଙ୍କବାଦୀଙ୍କୁ ପାଣ୍ଠି ଯୋଗାଣ ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଥିବା ବିଚ୍ଛିନ୍ନତାବାଦୀ ନେତା ୟାସିନ୍ ମଲିକଙ୍କୁ ଆଜୀବନ କାରାଦଣ୍ଡ ମିଳିବ ନା ଫାଶୀ ହେବ ସେ ନେଇ ସସ୍ପେନ୍ସ ଜାରି ରହିଥିଲା। ଯାହାର ଆଜି ଅବସାନ ଘଟିଛି। ଏହି ମାମଲାରେ ଦିଲ୍ଲୀ ପଟିଆଲା ହାଉସ କୋର୍ଟରେ ଶୁଣାଣି ହୋଇଛି। ୟାସିନ ମଲ୍ଲିକଙ୍କୁ ଫାଶୀ ଦିଆଯାଉ ବୋଲି କୋର୍ଟରେ ଦାବି କରିଥିଲା ଏନ୍.ଆଇଏ(ନ୍ୟାସନାଲ ଇନ୍‌ଭେଷ୍ଟିଗେସନ୍ ଏଜେନ୍ସି)। ସେପଟେ ୟାସିନ୍?ଙ୍କ ସପକ୍ଷ ଦଳ ତାଙ୍କୁ ଆଜୀବନ କାରାଦଣ୍ଡ ଦିଆଯାଉ ବୋଲି ଦାବି କରାଯାଇଥିଲା। ପଟିଆଲାର ଏନଆଇ କୋର୍ଟ ରାୟକୁ ଆଜି ଦିନ ୩ଟା ୩୦ ପର୍ଯ୍ୟନ୍ତ ସଂରକ୍ଷିତ ରଖିଥିଲେ। କଶ୍ମୀର ବିଚ୍ଛିନ୍ନତାବାଦୀ ନେତା ୟାସିନ୍‌ଙ୍କୁ ପୂର୍ବରୁ ହିଁ ଅଦାଲତ ଦୋଷୀ ସାବ୍ୟସ୍ତ କରିସାରିଛନ୍ତି। ମେ ୧୯ରେ ଏନଆଇଏ କୋର୍ଟର ସ୍ୱତନ୍ତ୍ର ଜଜ୍ ପ୍ରବୀଣ ସିଂହ, ମଲ୍ଲିକଙ୍କୁ ବେଆଇନ କାର୍ଯ୍ୟକଳାପ ନିବାରଣ ଆଇନ (UAPA) ଅନୁଯାୟୀ ଦୋଷୀ ସାବ୍ୟସ୍ତ କରିଥିଲେ। ପଟିଆଲା ହାଉସ ସ୍ଥିତ ବିଶେଷ ଅଦାଲତ ଏନ୍?ଆଇଏ ଅଧିକାରୀଙ୍କୁ ତାଙ୍କ ସମ୍ପତ୍ତିର ଆକଳନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଯାହାଦ୍ୱାରା ତାଙ୍କ ଜରିମାନା ରାଶି ନିର୍ଦ୍ଧାରିତ କରାଯାଇପାରିବ।ଏହାପୂର୍ବରୁ ମେ' ୧୦ରେ ମଲ୍ଲିକ କୋର୍ଟଙ୍କୁ କହିଥିଲେ ଯେ 'ତାଙ୍କ ବିରୋଧରେ ଆସିଥିବା ଅଭିଯୋଗକୁ ସେ ଚ୍ୟାଲେଞ୍ଜ କରିବାକୁ ଚାହୁଁ ନାହାଁନ୍ତି। ସେ ନିଜ ଅପରାଧ ସ୍ୱୀକାର କରୁଛନ୍ତି। ମଲ୍ଲିକ ବର୍ତ୍ତମାନ ଦିଲ୍ଲୀର ତିହାର ଜେଲରେ ରହିଛନ୍ତି।ଉଲ୍ଲେଖ ଯୋଗ୍ୟ ଯେ, ୟାସିନ ମଲିକ ନିକଟରେ ୨୦୧୭ରେ କଶ୍ମୀର ଘାଟିରେ ଅଶାନ୍ତ ସୃଷ୍ଟି କରିବା ଏବଂ ଆତଙ୍କବାଦ ଓ ବିଚ୍ଛିନ୍ନତାବାଦୀ କାର୍ଯ୍ୟକଳାପ ସହ ଜଡିତ ଏକ ମାମଲାରେ ଦିଲ୍ଲୀ କୋର୍ଟରେ ହାଜର ହୋଇ ତାଙ୍କ ବିରୁଦ୍ଧରେ ଥିବା ସମସ୍ତ ଅଭିଯୋଗକୁ ସ୍ୱୀକାର କରିଥିଲେ। ୟାସିନ ମଲିକ କଶ୍ମୀର ରାଜନୀତରେ ବେଶ୍ ସକ୍ରିୟ ଥିଲେ। ଯୁବପିଙ୍କୁ ଭଡକାଇବାରେ ତାଙ୍କର ଥିଲା ଗୁରୁତ୍ୱପୂର୍ଣ୍ଣ ଭୂମିକା। ୟାସିନ ମଲ୍ଲିକ ଜମ୍ମୁ କଶ୍ମୀର ଲିବରେସନ ଫ୍ରଣ୍ଟ (JKLF) ସହିତ ଜଡିତ। ୨୦୧୯ରେ କେନ୍ଦ୍ର ସରକାର JKLF ଉପରେ ପ୍ରତିବନ୍ଧକ ଲଗାଇଥିଲେ। ୟାସିନଙ୍କ ବିରୋଧରେ ୧୯୯୦ରେ ୪ଜଣ ବାୟୁସେନା କର୍ମଚାରୀଙ୍କୁ ହତ୍ୟା କରିଥିବା ଅଭିଯୋଗ ରହିଛି, ଯାହାକୁ ସେ ସ୍ୱୀକାର କରି ସାରିଛନ୍ତି।

## ଉତ୍ତର ପ୍ରଦେଶ : କପିଲ ସିବ୍‌ବଲ ରାଜ୍ୟସଭା ପାଇଁ ନାମାଙ୍କନ ପତ୍ର ଦାଖଲ କଲେ

ଲକ୍ଷ୍ନୌ, ୨୫।୫(ପି.ଏନ): ରାଜ୍ୟସଭା ପାଇଁ ପୂର୍ବ କେନ୍ଦ୍ରୀୟ ମନ୍ତ୍ରୀ କପିଲ ସିବ୍‌ବଲ ବୁଧବାର ଦିନ ନିର୍ଦ୍ଦଳୀୟ ପ୍ରାର୍ଥୀ ଭାବେ ନିଜ ନାମାଙ୍କନ ଦାଖିଲ କରିଛନ୍ତି। ଏହି ସମୟରେ ସମାଜବାଦୀ ପାର୍ଟିର ରାଷ୍ଟ୍ରୀୟ ଅଧ୍ୟକ୍ଷ ଅଖିଳେଶ ଯାଦବ, ପ୍ରଫେସର ରାମ ଗୋପାଳ ଯାଦବ ଏବଂ ପ୍ରଦେଶ ଅଧ୍ୟକ୍ଷ ନରେଶ ଉତମ ଉପସ୍ଥିତ ରହିଥିଲେ।ନାମାଙ୍କନ କରିବା ପରେ କପିଲ ସିବ୍‌ବଲ ସାମ୍ବାଦିକଙ୍କ ପ୍ରଶ୍ନର ଉତର ଦେଇ କହିଛନ୍ତି ଯେ ଆମେ ବିରୋଧିରେ ରହି ଏକ ମଜଭୁତ ମେଂଟ ବନାଇବାକୁ ଚାହୁଁ। ୨୦୨୪ରେ ମୋଦୀଙ୍କ ବିରୋଧ କରିବୁ ଓ ରାଜ୍ୟସଭାରେ ଲୋକଙ୍କ ସ୍ୱରକୁ ଶାଣିତ କରିବୁ। ମୁଁ କଂଗ୍ରେସର ନେତା ନୁହେଁ। ମୁଁ ୧୬ ମଇକୁ କଂଗ୍ରେସରୁ ଇସ୍ତଫା ଦେଇଛନ୍ତି। ମୁଁ ଗତଥର ମଧ୍ୟ ଉତର ପ୍ରଦେଶରୁ ରାଜ୍ୟସଭା ଯାଇଥିଲି।

## ଗୁଳିମାଡ଼ ଓ ଛୁରାମାଡ଼ରେ ଅଶାନ୍ତ ବଡ଼ଦାଣ୍ଡ

ପୁରୀ, ୨୫।୫(ପି.ଏନ): ବିଶ୍ୱ ଐତିହ୍ୟ ସହର ଶ୍ରୀକ୍ଷେତ୍ର। ଦିନକୁ ଦିନ ଅଶାନ୍ତ ହେଉଛି ବଡ଼ଦାଣ୍ଡ। ଶ୍ରୀମନ୍ଦିର ନିକଟରେ ଗତକାଲି ରାତିରେ ଗର୍ଜି ଉଠିଥିଲା ଗନ୍ । ବନ୍ଧୁକ ଗୁଳିରେ ଟଳିପଡ଼ିଲେ ଲୋକନାଥଙ୍କ ଯୋଗାଣିଆ ସେବାୟତ ଶିବରାମ ପାତ୍ର ଓରଫ ଗୁଡୁ । ଘଟଣାସ୍ଥଳରେ ଏସପି କେ.ବିଶାଲ ସିଂହ ପହଂଚି ଅନୁସନ୍ଧାନ ଜାରି ରଖିଛନ୍ତି । ଘଟଣା ପରେ ସହରର ବିଭିନ୍ନ ଥାନା ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି । ଜଣେ ଅଭିଯୁକ୍ତ ଚନ୍ଦନ ବାରିକକୁ ପୋଲିସ ଅଟକ ରଖିଛି । ତା ନିକଟରୁ ଗୋଟିଏ ବନ୍ଧୁକ ଓ ଗୁଳି ଜବତ କରିଛି । ଗୁଡୁ ଓଡ଼ି୧୩-ଏଲ-୯୭୨୪ ଗାଡ଼ିରେ ଯାଉଥିବା ବେଳେ ମୁଣ୍ଡ ଓ ଛାତିକୁ ଗୁଳିମାଡ଼ ହୋଇଥିଲା । ଗୁଡୁ ସେହିଠାରେ ଟଳି ପଡ଼ିଥିଲା । ଏ ସମ୍ପର୍କରେ ସିଂହଦ୍ୱାର ଥାନା ପକ୍ଷରୁ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି । ପୋଲିସ ଘଟଣା ସମ୍ପର୍କରେ ଅଧିକ ଛାନଭିନ କରିବା ସହ ଅନ୍ୟ ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ପ୍ରୟାସ ଜାରି ରଖିଛି । ସେହିପରି ବଡ଼ଦାଣ୍ଡ ସ୍ଥିତ ମାଉସୀମା ମନ୍ଦିର ନିକଟରେ ଏକ ଛୁରାମାଡ଼ ଘଟଣା ଘଟିଯାଇଛି । ଛୁରାମାଡ଼ରେ ଯୁବକର ଅନ୍ତବୁଜୁଳା ବାହାରିବା ସହ ପରିସ୍ଥିତ ସଙ୍କଟାପନ୍ନ ହେବାରୁ ଯୁବକଙ୍କୁ କଟକ ବଡ଼ ମେଡ଼ିକାଲକୁ ସ୍ଥାନାନ୍ତରିତ କରାଯାଇଛି । ଆହତ ଯୁବକ ଜଣକ ବାସେଳି ସାହିର ସୂର୍ଯ୍ୟନାରାୟଣ ତ୍ରିପାଠୀ (୩୧ ) । ଛୁରାମାଡ଼ ପରେ ତାଙ୍କୁ ପ୍ରଥମେ ପୁରୀ ମେଡ଼ିକାଲ ଓ ପରେ କଟକ ମେଡ଼ିକାଲକୁ ପଠାଯାଇଛି । କୁମ୍ଭାରପଡ଼ା ଥାନା ପକ୍ଷରୁ ଏକ ମାମଲା ରୁଜୁ କରାଯାଇ ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି । ସେମାନେ ହେଲେ ଗୋଖା ସାହିର ଦିପୁ ବେହେରା, ବିଭୁନା ଭୋଇ ଓ ଶିବୁନା ପାତ୍ର ବୋଲି ଜଣାପଡ଼ିଛି । ଘଟଣାରେ ପୋଲିସ ଅଧିକ ତଦନ୍ତ ଜାରି ରଖିଛି ।

## ୨ ଦିନ ଯାଏଁ ଘଡଘଡି ସହ ବର୍ଷା ସମ୍ଭାବନା

ଭୁବନେଶ୍ୱର, ୨୫।୫(ପି.ଏନ): ଆସନ୍ତା ୨ ଦିନ ପର୍ଯ୍ୟନ୍ତ ରାଜ୍ୟର କିଛି ସ୍ଥାନରେ ଘଡଘଡି, ବଜ୍ରପାତ ସହ ବର୍ଷା ହେବାର ସମ୍ଭାବନା ରହିଛି। ଏହାପରେ ଆସନ୍ତା ୩ ଦିନ ମଧ୍ୟରେ ରାଜ୍ୟରେ ଦିନ ତାପମାତ୍ରା ୨ରୁ ୩ ଡିଗ୍ରୀ ପର୍ଯ୍ୟନ୍ତ ବୃଦ୍ଧି ପାଇପାରେ ବୋଲି ପୂର୍ବାନୁମାନ କରିଛି ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର। ପାଣିପାଗ କେନ୍ଦ୍ର ପକ୍ଷରୁ ଜାରୀ ସତର୍କ ସୂଚନା ଅନୁଯାୟୀ ଆସନ୍ତା ୨୪ ଘଂଟା ମଧ୍ୟରେ ରାଜ୍ୟର ୧୬ ଟି ଜିଲ୍ଲାରେ ଘଡଘଡି, ବଜ୍ରପାତ ସହ ବର୍ଷା ହେବାର ସମ୍ଭାବନା ରହିଛି। ଏଥିପାଇଁ ଏହି ଜିଲ୍ଲାଗୁଡିକୁ ୟେଲୋ ଓ୍ୱାର୍ଣ୍ଣିଂ ଜାରି କରାଯାଇଛି। ସତର୍କ ସୂଚନା ଜାରି ହୋଇଥିବା ଏହି ଜିଲ୍ଲା ଗୁଡିକ ହେଲା ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, କଟକ , ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ, ଗଂଜାମ, ଗଜପତି, କେନ୍ଦୁଝର, ମୟୁରଭଂଜ , ଢେଙ୍କାନାଳ , କନ୍ଧମାଳ ଓ ଅନୁଗୁଳ। ସେହିପରି ୨୬ରୁ ୨୭ ତାରିଖ ମଧ୍ୟରେ ମାଲକାନଗିରି, କୋରାପୁଟ, ରାୟଗଡା, ନବରଙ୍ଗପୁର, ଗଜପତି, କେନ୍ଦୁଝର, ମୟୁରଭଂଜ ଓ ବାଲେଶ୍ୱର ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ଘଡଘଡି, ବଜ୍ରପାତ ସହ ବର୍ଷା ହୋଇପାରେ ବୋଲି ଆକଳନ କରିଛି ପାଣିପାଗ ବିଭାଗ।

## ରାଜ୍ୟସଭା ନିର୍ବାଚନ ପ୍ରାର୍ଥୀପତ୍ର ଦାଖଲରୁ ବିରତ ରହିବେ ବିରୋଧୀ ଦଳ

ଭୁବନେଶ୍ୱର,୨୫।୫(ପି.ଏନ): ଓଡ଼ିଶାର ତିନୋଟି ରାଜ୍ୟସଭା ଆସନ ପାଇଁ ନାମାଙ୍କନ ପ୍ରକ୍ରିୟା ଗତ ମଙ୍ଗଳବାରରୁ ଆରମ୍ଭ ହୋଇଅଛି। ବିଜେଡ଼ିର ରାଜ୍ୟସଭା ସାଂସଦ ପ୍ରସନ୍ନ ଆଚାର୍ଯ୍ୟ, ଏନ. ଭାସ୍କର ରାଓ ଏବଂ ଡକ୍ଟର ସସ୍ମିତ ପାତ୍ରଙ୍କ କାର୍ଯ୍ୟକାଳ ସରିବା ପରେ ଉପରୋକ୍ତ ୩ଟି ଆସନ ଖାଲି ପଡ଼ିଥିଲା। ନିର୍ବାଚନ କମିଶନଙ୍କ ସୂଚନା ଅନୁଯାୟୀ ମଇ ୨୪ ରୁ ୩୧ ତାରିଖ ପର୍ଯ୍ୟନ୍ତ ନାମାଙ୍କନ ପତ୍ର ଚାଲୁ ରହିବ। ଜୁନ୍ ୧ ତାରିଖରେ ପ୍ରାର୍ଥୀପତ୍ର ଯାଞ୍ଚ ହେବାକୁ ଥିବାବେଳେ ଆସନ୍ତା ଜୁନ ୧୦ ତାରିଖପରେ ଉପନିର୍ବାଚନ ପାଇଁ ଭୋଟ ଗଣତି ହେବା ଫଳାଫଳ ଜଣାପଡ଼ିବ। ଅପରପକ୍ଷେ ବିଜେଡ଼ିର ଅନ୍ୟତମ ସାଂସଦ ସୁବାଷ ସିଂ ଗତ ଅପ୍ରେଲେ ୨୧ ତାରିଖରେ ଇସ୍ତଫା ପତ୍ର ଦେଇଥିବା ବେଳେ ଏହି ଆସନ ପୂରଣ ପାଇଁ ୨୬ ତାରିଖ ନାମାଙ୍କନ ଦାଖଲ ପାଇଁ ଧାର୍ଯ୍ୟ ହୋଇଛି ଏବଂ ଶେଷ ତାରିଖ ଜୁନ୍ ୨ ହେବାକୁ ଥିବାବେଳେ ଭୋଟ ଗଣତି ଓ ଫଳାଫଳ ଜୁନ ୧୩ ତାରିଖରେ ହେବ। ବିରୋଧୀ ବିଜେପି ଓ କଂଗ୍ରେସ ପାଖରେ ଆବଶ୍ୟକ ସଂଖ୍ୟା ନଥିବରୁ ସେମାନେ ପ୍ରାର୍ଥୀ ପତ୍ର ଦେଖଲରୁ ବିରତ ରହିବେ ବୋଲି ସୂଚନା ମିଳିଛି। ତେଣୁ ୪ଟି ଆସନ ବିଜେଡ଼ି ହାତକୁ ଯିବା ନିଶ୍ଚିତ । ଯାହା ପାଇଁ ଏବେ ଠୁ ଆଶାୟୀ ପ୍ରାର୍ଥୀମାନେ ନିଜ ନିଜ ସପକ୍ଷରେ ପ୍ରୟାସ ଜାରି ରଖିଛନ୍ତି। ପୂର୍ବତନ ସାଂସଦ ପ୍ରସନ୍ନ ପାଟ୍ଟଶାଣୀ, ପୂର୍ବତନ ବିଧାୟକ ଡକ୍ଟର ରମେଶ ଚ୍ୟାଉପଟ୍ଟନାୟକ । ମୁଖ୍ୟମନ୍ତ୍ରୀ ଦେଇଥିବା ପ୍ରତିଶ୍ରୁତି ଉପରେ ଭରଷା ରଖିଥିବା ବେଳେ ପ୍ରସନ୍ନ ଆଚାର୍ଯ୍ୟ ଓ ସସ୍ମିତ ପାତ୍ର ପୁନର୍ବାର ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ମନୋନୀତ ହେବାର ଆଶା ଛାଡ଼ି ନାହାଁନ୍ତି। ପୂର୍ବତନ ନବରଙ୍ଗପୁର ସାଂସଦ ପ୍ରଦୀପ ମାଝି, ବିଜେଡ଼ି ନେତ୍ରୀ ଶ୍ରୀମୟୀ ମିଶ୍ର, ମୋ ସ୍କୁଲ କାର୍ଯ୍ୟକ୍ରର ଅଧ୍ୟକ୍ଷା ସୁସ୍ମିତା ବାଗଚୀ, ପୂର୍ବତନ ମନ୍ତ୍ରୀ ଅନଙ୍ଗ ଉଦୟ ସିଂହ ଦେଓ, ଜଣେ ଖବର କାଗଜର ସମ୍ପାଦକ ଓ ଗଣମାଧ୍ୟମର ମାଲିକ, ଦେଶର ଜଣେ ପ୍ରତିଷ୍ଠିତ ଶିଳ୍ପପତି ଏବଂ ଜଣେ ପ୍ରଶାସକଙ୍କ ନାମ କ୍ଷମତା କରିଡୋର ଏବଂ ଚାରିପାଖରେ ଥିବା ନେତାଙ୍କ ମୁହଁରୁ ଶୁଣିବାକୁ ମିଳୁଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଗତ ଦିନମାନଙ୍କ ପରି କିଛି ନୂଆ ବ୍ୟକ୍ତି ବିଶେଷ ଏବଂ ମହିଳାଙ୍କ ନାମ ଘୋଷଣା କରିପାରନ୍ତି। ବ୍ରଜରାଜ ନଗର ନିର୍ବାଚନର ଉଷ୍ମତା ଓ ବ୍ୟସ୍ତତା ଯୋଗୁ ରାଜ୍ୟସଭା ଚର୍ଚ୍ଚା ଧିମେଇ ଯାଇଥିବା ଅନୁଭବ କରାଯାଉଛି। ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ପରେ ଦିନେ ଦୁଇଦିନ ମଧ୍ୟ ସବୁ ଚର୍ଚ୍ଚାର ଅବସାନ ଘଟିବ।

## ଏଚ୍ଏଫ୍ଏମ୍ଡି ପାଇଁ ସ୍ୱତନ୍ତ୍ର ଟୀକା , ଔଷଧ ଦରକାର ନାହିଁ : ସ୍ୱାସ୍ଥ୍ୟ ନିର୍ଦ୍ଦେଶକ

ଭୁବନେଶ୍ୱର, ୨୫।୫(ପି.ଏନ): ଏଚ୍ଏଫ୍ଏମ୍ଡି ଟମାଟୋ ଫ୍ଲୁ ନୁହେଁ । ଏହାକୁ ନେଇ ଆତଙ୍କିତ ହେବାର ଆବଶ୍ୟକତା ନାହିଁ ବୋଲି କହିଛନ୍ତି ରାଜ୍ୟ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ବିଜୟ ମହାପାତ୍ର। ସେ କହିଛନ୍ତି ଯେ, 'ଏହି ରୋଗକୁ ନେଇ ଆଇସିଏମ୍ଆର୍ ଓ ଏନ୍ସିଡିସି ପକ୍ଷରୁ ଏଯାବତ୍ କୌଣସି ଗାଇଡ୍‌ଲାଇନ୍ ଜାରି ହୋଇନାହିଁ। ଏଚ୍ଏଫ୍ଏମ୍ଡିକୁ ନେଇ ଆତଙ୍କ ହେବାର ଆବଶ୍ୟକତା ନାହିଁ। ଏଥିସକାଶେ ସର୍ଭେଲାନ୍ସକୁ ଜୋରଦାର କରିବାକୁ ସ୍ୱାସ୍ଥ୍ୟ କେନ୍ଦ୍ରଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି। କିଛି ରାଜ୍ୟରେ ଫ୍ଲୁ ରୂପ ବଦଳାଇ ଆସୁଥିବାରୁ ଆମକୁ ସତର୍କ ରହିବାକୁ ପଡ଼ିବ। ଏହାସହିତ ସ୍ୱାସ୍ଥ୍ୟ ବିଭାଗ ମଧ୍ୟ ସାମ୍ପୁଲ୍ ଟେଷ୍ଟ ଉପରେ ଗୁରୁତ୍ୱ ଦେଉଛି। ଏଚ୍ଏଫ୍ଏମ୍ଡି ପାଇଁ ସ୍ୱତନ୍ତ୍ର ଟୀକା କି ଔଷଧ ଦରକାର ନାହିଁ। କେବଳ ଲକ୍ଷଣ ଅନୁସାରେ ଔଷଧ ପ୍ରଦାନ କରାଯିବ।'ସେହିପରି କ୍ୟାପିଟାଲ ହସ୍ପିଟାଲ ନିର୍ଦ୍ଦେଶକ ଲକ୍ଷ୍ମୀଧର ସାହୁ କହିଛନ୍ତି, ସମୁଦାୟ ୩୫ ସାମ୍ପୁଲ୍ ମଧ୍ୟରୁ ୨୪ ଜଣ ହେଉଛନ୍ତି ରାଜଧାନୀ ଭୁବନେଶ୍ୱରର। ଏହି ଏହି ରୋଗ ଏଂଟ୍ରୋ ଭାଇରସ ଦ୍ୱାରା ହେଉଛି। ଏହାର ଏକ ଅଲଗା ସବ ଟାଇପ ମଧ୍ୟ ଅଛି। ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ଏଚ୍ଏଫ୍ଏମ୍ଡି ମାମଲା ଆସୁଥିବାରୁ ଆମକୁ ଅଧିକ ସତର୍କ ରହିବାକୁ ପଡୁଛି। ଏଚ୍ଏଫଏମ୍ଡି ସମସ୍ତ ଶିଶୁଙ୍କୁ ହୁଏନି। ଯେଉଁ ଶିଶୁ ଦୁର୍ବଳ, ପୁଷ୍ଟିହୀନତା ଓ ବିଭିନ୍ନ ରୋଗରେ ଆକ୍ରାନ୍ତ ସେମାନେ ଏଚ୍ଏଫଏମ୍ଡିର ଶିକାର ହୁଅନ୍ତି। ରୋଗୀ ଅଧିକ ବଢିଲେ ତେବେ ସ୍ୱତନ୍ତ୍ର ଓ୍ୱାର୍ଡ ଖୋଲାଯିବ। ଏବେ ଦୈନିକ ୧୦-୧୨ ରୋଗୀ ଆସୁଛନ୍ତି। ସେଥିରୁ ୪-୫ ଜଣ ଏଚ୍ଏଫଏମ୍ଡି ଆକ୍ରାନ୍ତ ବୋଲି ଜଣାପଡୁଛି।'





# ଟି ଟାଇମ୍

## ମୋକ୍ଷ ପାଇଁ ଦ୍ୱିତୀୟ ଥର ଅନ୍ତିମ ସଂସ୍କାର

ତାମିଲନାଡୁର ପୂର୍ବତନ ମୁଖ୍ୟମନ୍ତ୍ରୀ ଜୟଲଳିତାଙ୍କ ମୃତ୍ୟୁପରେ ଏବେ ତାଙ୍କ ପରିବାର ଲୋକେ ଧିରେଧିରେ ଆଗକୁ ଆସୁଛନ୍ତି। ଜୟଲଳିତାଙ୍କୁ କବର ଦିଆଯାଇଥିବାର ବିରୋଧ କରି ସେମାନେ ମୋକ୍ଷ ନିମନ୍ତେ ଦ୍ୱିତୀୟ ଥର ପାଇଁ ଅନ୍ତିମ ସଂସ୍କାର କାର୍ଯ୍ୟ କରାଇଛନ୍ତି। ମଙ୍ଗଳବାର ଦିନ ସମ୍ପୂର୍ଣ୍ଣ ହିନ୍ଦୁ ରୀତିନୀତି ଅନୁସାରେ ମୋକ୍ଷ ପ୍ରାପ୍ତି ପାଇଁ ଶ୍ରୀରଙ୍ଗପଟ୍ଟନମର କାବେରୀ ନଦୀ କୂଳରେ ଦାହ ସଂସ୍କାର କରାଯାଇଥିଲା। ମୁଖ୍ୟ ପୂଜାରୀ ରଙ୍ଗନାଥ ଲଙ୍ଗର ଏହି କାର୍ଯ୍ୟକ୍ରମ ସମ୍ପର୍ଣ୍ଣ କରିଥିଲେ। ଦାହ ସଂସ୍କାରରେ ଜୟଲଳିତାଙ୍କ ଶବ ସ୍ଥାନରେ ଏକ କଣ୍ଢେଇକୁ ତାଙ୍କ ପ୍ରତିକୃତି ଭାବେ ଗ୍ରହଣ କରି ଦାହ କରାଯାଇଥିଲା। ଆସନ୍ତା ୫ଦିନ ପର୍ଯ୍ୟନ୍ତ ବାକି ଅନ୍ୟ ରୀତିନୀତି କରାଯିବ ବୋଲି କୁହାଯାଉଛି। ଏ ସମ୍ପର୍କରେ ଜୟଲଳିତାଙ୍କ ସମ୍ପର୍କୀୟ ଭାଇ ବରଦରାଜୁ କହିଛନ୍ତି ଯେ ଦଳ ପକ୍ଷରୁ ଯେଉଁଳି ଭାବେ ତାଙ୍କର ଶେଷ କୃତ୍ୟ କରାଗଲା ତାହା ଆଦୌ ଗ୍ରହଣୀୟ ନୁହେଁ। କ’ଣ ପାଇଁ ତାଙ୍କୁ ପୋତାଗଲା ଏବଂ କ’ଣ ପାଇଁ ଶେଷ କୃତ୍ୟ ସମୟରେ ପରିବାର ଲୋକଙ୍କୁ ଦୂରେଇ ରଖାଗଲା ତାହାର କାରଣ ଦଳ ସାର୍ବଜନୀନ କରିବା ଦରକାର। ଆମେ ପରିବାର ଲୋକେ ଏହାକୁ ବିରୋଧ କରି ଏଭଳି ଶେଷ କୃତ୍ୟ ସମ୍ପର୍ଣ୍ଣ କରିବାର ନିଷ୍ପତ୍ତି ନେଇଛୁ।

## ବିଶ୍ୱର ସବୁଠାରୁ ମହଙ୍ଗା ସୁଇଟର



ଏଜେନ୍ସୀ : ନ୍ୟୁୟର୍କ ଆମେରିକାରେ ତିଆରି ହୋଇଛି ବିଶ୍ୱର ସବୁଠାରୁ ମହଙ୍ଗା ସୁଇଟର। ଖ୍ରୀଷ୍ଟମାସ ପାଇଁ ବିଶେଷ ଭାବେ ଏହାକୁ ତିଆରି କରାଯାଇଥିଲା ବେଳେ ଏଥିରେ ଲଗାଯାଇଛି ଦାମି ହୀରା। ଏକ ଅନ୍‌ଲାଇନ୍ ଷ୍ଟୋରରେ ବିକ୍ରି ପାଇଁ ଉପଲବ୍ଧ ହେଉଥିବା ଏହି ସୁଇଟରର ମୂଲ୍ୟ ହେଉଛି ୨୦ଲକ୍ଷ ଟଙ୍କା। ଏହାକୁ ବିଶ୍ୱର ସବୁଠାରୁ ଦାମି ସୁଇଟରର ମାନ୍ୟତା ପ୍ରଦାନ କରାଯାଇଛି। ଏହି ଖ୍ରୀଷ୍ଟମାସ ସୁଇଟରରେ ସାନ୍ତାକ୍ଲଜର ଫଟୋ ଥିଲାବେଳେ ଲାଗିଛି ୨୪ହଜାରରୁ ଅଧିକ ହୀରା। ସୁଇଟର ତିଆରି କରୁଥିବା କମ୍ପାନୀ ଟିପ୍ସି ଏଲ୍‌ବେକ୍ସ ପକ୍ଷରୁ କୁହାଯାଇଛି ଯେ କ୍ରିଷ୍ଟାଲ ଓ ହୀରାରେ ପ୍ରସ୍ତୁତ ହୋଇଥିବା ଏହି ସୁଇଟରକୁ ତିଆରି ପାଇଁ ଲାଗିଥିଲା ୫୨ଘଣ୍ଟା।

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ



ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

# ପୁରାଣ କାହାଣୀ

## ମନ୍ଥରାଙ୍କ କୁମନ୍ତ୍ରଣା



ରାମଙ୍କ ଶିବଧନୁ ଭଙ୍ଗୁ କଲାପରେ ସତାଙ୍କୁ ଓ ଲକ୍ଷ୍ମଣ ଉର୍ମିଳାଙ୍କୁ ବିବାହ କରିବା ପରେ ଭାରତ ମାଣ୍ଡବୀଙ୍କୁ ଏବଂ ଶତ୍ରୁଘ୍ନ ଶୃତକୀରତିଙ୍କୁ ବିବାହ କଲେ। ଏହିପରି ଭାବରେ ରାଜା ଜନକଙ୍କ ପୁତ୍ରୀ ଓ ରାଜା ଦଶରଥଙ୍କ ପୁତ୍ରମାନେ ବିବାହ ମହା ଆଡମ୍ବରରେ ସମାହିତ ହେବା ପରେ ସମସ୍ତେ ବିଦାୟ ନେଇ ଫେରିବା ବାଟରେ ପ୍ରଭୁ ପର୍ଶୁରାମ ରାମଙ୍କ ବାଟ ଓଗାଳିଥିଲା ପରେ ରାମ ନିଜେ ପରମବ୍ରହ୍ମଙ୍କ ଅବତାର ଜାଣି କ୍ଷମା ପାର୍ଥନା କରିଥିଲେ ଓ ବାଟ ଛାଡି ଦେଇଥିଲେ। 1ରମ ସିତାଙ୍କର ବିବାହର କିଛି କାଳ ପରେ ବୃଦ୍ଧ ଦଶରଥ ରାମଙ୍କ ହାତରେ ରାଜ୍ୟଭାର ସମର୍ପି ଦେବାକୁ ଇଚ୍ଛା ପ୍ରକଟ କଲେ। ଏ ଖବର ଜାଣି କୋଶଳର ପ୍ରଜା ତଥା ରାଜାଙ୍କ ପାରିଷଦ ବୃନ୍ଦ ଅତ୍ୟନ୍ତ ଆନନ୍ଦିତ ହେଲେ। ହେଲେ ଏକଥା ଶୁଣି କୈକେୟୀଙ୍କ ଦାସୀ ମନ୍ଥରା କୈକେୟୀଙ୍କୁ କୁମନ୍ତ୍ରଣା ଦେବାକୁ ଆରମ୍ଭ କଲେ। ମନ୍ଥରା କଥାରେ କୈକେୟୀ ରାଜା ଦଶରଥଙ୍କୁ ଏକଦା ପ୍ରତିଜ୍ଞା କରିଥିବା ଦୁଇଟି ବର ପ୍ରଦାନ କରିବା ଛଳରେ ଏହି ଦୁଇ ମର ମାଗିଲେ ଯେ, ରାମ ବାର ବର୍ଷ ପାଇଁ ବନବାସ କରିବାକୁ ଯିବେ ଓ ତାଙ୍କ ପୁତ୍ର ଭରତ ରାଜା ହେବେ। ରାଜା ଦଶରଥ ଅତିଶୟ ଦୁଃଖରେ ତାଙ୍କ ସତ୍ୟ ରକ୍ଷା କଲେ।

## ଆନ୍ଧ୍ରନାଟ୍ୟମର କଳାକ୍ରିଷ୍ଣା



ଆନ୍ଧ୍ର ନାଟ୍ୟମର ଆଗଧାଡିର କଳାକାର ହେଉଛନ୍ତି କଳାକ୍ରିଷ୍ଣା । ସେ ପୁରୁଷ ହୋଇଥିଲେ ମଧ୍ୟ ମହିଳାଙ୍କ ବେଶରେ ମଞ୍ଚରେ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରି ଦିଅନ୍ତି । ଦର୍ଶକ ମଧ୍ୟ ଏହି କଳାକାରଙ୍କ ନୃତ୍ୟରେ ଆନନ୍ଦ ପାଆନ୍ତି । ସେ ଯେତେବେଳେ ମଞ୍ଚକୁ ଆସନ୍ତି ଦର୍ଶକ ତାଙ୍କୁ କରତାଳିରେ ସ୍ୱାଗତ କରନ୍ତି । ନୃତ୍ୟ ଶେଷରେ ମଧ୍ୟ ଦର୍ଶକମାନେ କରତାଳି ବର୍ଷାରେ ତାଙ୍କୁ ବିଦାୟ ଦିଅନ୍ତି । ଆନ୍ଧ୍ରନାଟ୍ୟମ ଆନ୍ଧ୍ରପେଦଶର ଏକ ମନ୍ଦିରରୁ ଆସିଛି । ଏହି ନୃତ୍ୟ ସ୍ଥାନୀ କଳା ଓ ସଂସ୍କୃତିର ଝଲକ ଦେଖିବାକୁ ମିଳେ । କଳାକ୍ରିଷ୍ଣା ମଧ୍ୟ ସ୍ଥାନୀ କଳା, ସଂସ୍କୃତି ଓ ଐତିହ୍ୟକୁ ତାଙ୍କ ନୃତ୍ୟ ମାଧ୍ୟମରେ ନିଖୁଣ ଭାବେ ପ୍ରାର୍ଧାନ କରି ଦେଶ ବିଦେଶରେ ସୁନାମ ଅର୍ଜନ କରିଛନ୍ତି । ସେ ପୁରାଣ ଯୁଗୀ ସତ୍ୟଭାମାଙ୍କ ଚରିତ୍ରକୁ ଦର୍ଶକଙ୍କ ପାଖରେ ପ୍ରଦର୍ଶନ କରିଥାଆନ୍ତି । କୃଷ୍ଣ ଏବଂ ସତ୍ୟଭାମାଙ୍କ ଭିତରେ ଗଢ଼ି ଉଠିଥିବା ସମ୍ପର୍କକୁ ସେ ନୃତ୍ୟ ମାଧ୍ୟମରେ ଭଲଭାବେ ପ୍ରଦର୍ଶନ କରୁଥିବାରୁ ତ ଆନ୍ଧ୍ର ନାଟ୍ରମରେ ତାଙ୍କର ଏକ ସ୍ୱତନ୍ତ୍ରତା ରହିଛି । ପୁଷ୍ପାଞ୍ଜଳୀରୁ କାର୍ଯ୍ୟକ୍ରମରୁ କଳାକ୍ରିଶଣା ନୃତ୍ୟ ଆରମ୍ଭ କରନ୍ତି । ଏହି ପରମ୍ପରା ପ୍ରଥମେ ଦେବଦାସୀ କରୁଥିଲେ ଭଗବାନ କୃଷ୍ଣଙ୍କ ପାଖରେ । ଦେବଦାସୀଙ୍କ ପଦାଙ୍କ ଅନୁସରଣ କରି କଳାକ୍ରିଷ୍ଣା ଏଭଳି ପ୍ରଦର୍ଶନ କରୁଥିବା ଜଣାପଡିଛି । ବିଶେଷ କରି ଜଣେ ପୁରୁଷ ହୋଇ ନାରୀ ବେଶରେ ନୃତ୍ୟ କରୁଥିବାରୁ ତାଙ୍କର ସ୍ୱତନ୍ତ୍ର କହିଲେ ନସରେ । ତାଙ୍କ ୬୦ ବର୍ଷ ଛୁଇଁଥିଲେ ବି ନୃତ୍ୟ ପ୍ରଦର୍ଶନରେ ସେ କେବେ କ୍ଳାନ୍ତ ଅନୁଭବ କରି ନାହାନ୍ତି ।

## ଦୁଦୁରା ଫୁଲର ଔଷଧୀୟ ଗୁଣ

ଶ୍ରାବଣ ମାସରେ ମହାଦେବଙ୍କଠାରେ ବିଲ୍ୱପତ୍ର, ଦୁଦୁରା ଏବଂ କ୍ଷୀର ଚଢ଼ାଇବାର ବିଶେଷ ମହତ୍ତ୍ୱ ରହିଛି । ଦୁଦୁରା ପୁଷ୍ପର ବିଶେଷତା ଓଉପଯୋଗ ଅଧିକ । ଆୟୁର୍ବେଦରେ ଦୁଦୁରାକୁ ବିଷ ବର୍ଗରେ ରଖା ଯାଇଛି । ଏହାର ବୀଜକୁ ଔଷଧ ରୂପେ ରଖାଯାଏ । ଅଧ ଲିଟର ସୋରିଷ ତେଲରେ ଦୁଦୁରା ପତ୍ରର ରସ ମିଶାଇ ଗରମ କରି ମୁଣ୍ଡରେ ଲଗାଇଲେ ଉକ୍କୁଣି ଲୋପ ପାଇଯାଇଥାଏ । ଦୁଦୁରା ପତ୍ରର ରସକୁ ସାମାନ୍ୟ ଗରମ କରି ଗଣ୍ଠି ସ୍ଥାନରେ ଲଗାଇ ପଟି ବାନ୍ଧି ରଖିଲେ ବିନ୍ଧାବିନ୍ଧି ଦୂର ହୋଇଯାଇ ଥାଏ । ଦୁଦୁରା ଗଛର ପତ୍ର, ଫୁଲ, ଫଳ, ତ୍ୱକ ଏବଂ କାଣ୍ଡର ରସକୁ ମିଶାଇ ରାଶି ତେଲରେ ପକାଇ ଗରମ କରି କାନରେ ପକାଇଲେ କାନ ପରିଷ୍କାର ହେବା ସହ କାନ ପିଡା କମିଯାଏ । ଦୁଦୁରା ମଞ୍ଜିର ପୋଡା ଅଂଶକୁ ଜ୍ୱର ସମୟରେ ଶରୀରରେ ଲଗାଇଲେ ଜ୍ୱର କମ ହୋଇ ଯାଇଥାଏ । ଦୁଦୁରା ଫଳର ଚୁର୍ଣ୍ଣକୁ ଅଧା ଚାମଚ ଗୁଆ ଘିଅ ଓ ମହୁ ସହ ମିଶାଇ ପ୍ରତିଦିନ ସେବନ କଲେ ସ୍ତ୍ରୀ ମାନଙ୍କର ପ୍ରସବ ଠିକ ସମୟରେ ହୋଇଥାଏ ।

## ମୋବାଇଲ ଗେମ ଶରୀର ପାଇଁ କ୍ଷତିକାରକ

ସ୍ମାଟ୍ ଫୋନ୍‌ରେ ବିଭିନ୍ନ ପ୍ରକାର ଗେମ୍ ଖେଳୁଥିବା ବ୍ୟକ୍ତି ଏବେ ସାବଧାନ ହୋଇଯାନ୍ତୁ । ଅଧିକାଂଶ ସମୟ ଦେଖିବାକୁ ମିଳେ ଯୁବପିଢ଼ି କ୍ୟାଣ୍ଡିକ୍ରସ୍ ଗେମ୍ ଖେଳିବାରେ ନିଜକୁ ଘଣ୍ଟା ଘଣ୍ଟା ଧରି ବ୍ୟସ୍ତ ରଖିଥାନ୍ତି । ଏପରିକି କେଉଁଠିକୁ ଯାତ୍ରା କରୁଥିବା ସମୟରେ, ସେ ଟ୍ରେନ୍ ହେଉ କିମ୍ବା ବସ୍ କ୍ୟାଣ୍ଡିକ୍ରସ୍‌ରେ ବ୍ୟସ୍ତ ରହିଥିବା ଲୋକମାନଙ୍କୁ ଦେଖିବାକୁ ମିଳେ । କିନ୍ତୁ କ’ଣ କେବେ ଭାବିଛନ୍ତି ଆପଣଙ୍କ ଏହି ଗେମ୍ ଖେଳିବାର ଅଭ୍ୟାସଟି ଆପଣଙ୍କ ପାଇଁ କ୍ଷତିକାରକ ସାବ୍ୟସ୍ତ ହେବ ? ନିକଟରେ ଆମେରିକାର କାଲିଫର୍ଣ୍ଣିଆରେ ଜଣେ ୨୯ବର୍ଷୀୟ ବ୍ୟକ୍ତି କ୍ୟାଣ୍ଡିକ୍ରସ ଖେଳିବାରେ ଏତେ ଅଭ୍ୟସ୍ତ ଥିଲେ ଯେ, ଘଣ୍ଟା ଘଣ୍ଟା ସମୟ କିପରି ଚାଲିଯାଉଥିଲା ସେ ଜାଣିପାରୁନଥିଲେ । ଅନେକ ସମୟ ଖେଳିବା ଦ୍ୱାରା ତାଙ୍କ ଆଙ୍ଗୁଠିରେ ରହିଥିବା ଟିସୁଟି ଫାଟିଯାଇଥିଲା । ଡାକ୍ତରଙ୍କ କହିବା ଅନୁସାରେ ବର୍ତ୍ତମାନ ଆଙ୍ଗୁଠିର ଅସ୍ତ୍ରୋପଚାର କରାଯିବ । ଅତ୍ୟଧିକ ଗେମ୍ ଖେଳିବା ଫଳରେ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି ହୋଇପାରେ । ଯଦି ଗେମ୍ ଖେଳିବାର ଅଧିକ ସଉକ ଅଛି ତେବେ ପ୍ରତିଦିନ ଅଧ ଘଣ୍ଟାର ସମୟ କେବଳ ମୋବାଇଲ ଗେମ୍‌କୁ ଦିଅନ୍ତୁ । ଯେପରି ଏହାର କୌଣସି ଖରାପ ପ୍ରଭାବ ଆପଣଙ୍କ ଶରୀର ଉପରେ ନପଡ଼େ ।

## ‘କଫି’ର ଚିତ୍ରକର ଅମିତା






ପିଲାଦିନରୁ ଶ୍ରବଣଶକ୍ତି ହରାଇଥିବା ଅମିତା କେବେ ବି ଏହାକୁ ନିଜ ସଫଳତାର ରାସ୍ତାରେ ବାଧକ ସାଜିବାକୁ ଦେଇନାହାନ୍ତି। ବାପା ମା’ ମଧ୍ୟ ଝିଅଙ୍କୁ ଆଗକୁ ବଢ଼ିବା ପାଇଁ ଖୁବ୍ ପ୍ରେରଣା ଦେଇଛନ୍ତି। ସାଧାରଣ ସ୍କୁଲରେ ପଢ଼ିବାର ସୁଯୋଗ ନ ମିଳିବାରୁ ନ୍ୟାସନାଲ ଇନଷ୍ଟିଚ୍ୟୁଟ ଅଫ୍ ଓପନ ସ୍କୁଲିଂ ଅଧିନରୁ ସ୍କୁଲ ଶିକ୍ଷା ଶେଷ କରିଥିଲେ। ଏହାପରେ ଦିଲ୍ଲୀ ମହିଳା ପଲିଟେକନିକ୍‌ରେ ଦାଖଲା ନେଇଥିଲେ ଇଣ୍ଟିରିୟର ଡିଜାଇନ କୋର୍ସରେ। ତିନିବର୍ଷର ଏହି କୋର୍ସ ଶେଷ କରିବାର କିଛିବର୍ଷ ମଧ୍ୟରେ ତାଙ୍କର ବିବାହ ହୋଇଥିଲା ଗୋରେଗାଓଁର ଚାରୁ ଦତ୍ତଙ୍କ ସହ। ଚାରୁ ମଧ୍ୟ ଅମିତାଙ୍କ ପରି ଶ୍ରବଣଶକ୍ତିହୀନ ଥିଲେ। କିଛିବର୍ଷ ମଧ୍ୟରେ ନିନାଦ ଓ ଧ୍ୱନ ନାମରେ ଦୁଇଟି ସନ୍ତାନ ହୋଇଥିଲେ ତାଙ୍କର। ପରିବାରର ଦାୟିତ୍ୱ ତୁଲାଉ ତୁଲାଉ ଅମିତାଙ୍କ ଚିତ୍ରଶିଳ୍ପୀର ପ୍ରତିଭା ଲୁଚି ଯାଉଥିଲା। ଯାହାକି ପିଲାଦିନରୁ ତାଙ୍କ ଭିତରେ ରହିଥିଲା। କୁହାଯାଏ ପ୍ରତିଭା ଦିନେ ନା ଦିନେ ବିକଶିତ ହୋଇଥାଏ। ଆଉ ଅମିତାଙ୍କ ପ୍ରତିଭାକୁ ବିକଶିତ କରିବାରେ ସହଯୋଗର ହାତ ବଢାଇଥିଲେ ତାଙ୍କ ଶାଶୂ ମା’। ତାଙ୍କ ପ୍ରେରଣା ପାଇ ଅମିତା ଗୋରେଗାଓଁର ସାବିତ୍ରୀ ପଲିଟେକନିକ୍ ରେ ଆର୍ଟ ଆଣ୍ଡ କ୍ରାଫ୍ଟରେ ଡିପ୍ଲୋମାରେ ନାମ ଲେଖାଇଥିଲେ। ଏଥିରେ ନାମ ଲେଖାଇବା ଯେପରି ତାଙ୍କ ସଫଳତାର ପ୍ରଥମ ପାହାଚ ଥିଲା। ଗୋଟିଏ ଦିନ କଲେଜରୁ ଫେରି ସେ ତାଙ୍କ ଶାଶୂ ମା’ଙ୍କୁ ନିଜର ଏକ ପେଣ୍ଟିଂ ଦେଖାଇଥିଲେ। ଯାହାକୁ ଦେଖିବା ପରେ ହତବାକ୍ ହୋଇଯାଇଥିଲେ ତାଙ୍କ ଶାଶୁମା’। କାରଣ ସେହି ପେଣ୍ଟିଂଟି କୌଣସି ରଙ୍ଗରେ ନୁହେଁ ବରଂ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ ହୋଇଥିଲା କଫିରେ। ବୋହୂର ଏପରି ନିଆରା ପ୍ରତିଭାରେ ଖୁସି ହୋଇଯାଇଥିଲେ ଶାଶୂ ମା’ ଏବଂ ଆଗକୁ ବଢ଼ିବା ପାଇଁ ଦେଇଥିଲା ପ୍ରେରଣା। ତା’ପରଠାରୁ ଅମିତା କଫିରେ ଆଙ୍କି ଚାଲିଲେ ଅନେକ ଚିତ୍ର। ନିଜ ଚତୁଃପାର୍ଶ୍ୱରୁ ହିଁ ଅମିତାଙ୍କୁ ମିଳିଯାଏ ବିଷୟବସ୍ତୁ। ଯେପରିକି ଅଟୋ, ରିକ୍ସା, ରେସିଂ କାର୍ ଇତ୍ୟାଦିକୁ ନିଜ ଅଙ୍କନ ମାଧ୍ୟମରେ ଏକ ଭିନ୍ନ ରୂପ ଦେଇଥାନ୍ତି ଅମିତା। ଗଛ ଓ ଶୁଆ ପ୍ରତି ତାଙ୍କର ରହିଛି ଅଧିକ ଭଲପାଇବା। ଯାହାକୁ ନେଇ ସେ ଅଙ୍କନ କରିଛନ୍ତି ଅନେକ ଚିତ୍ର। କେବଳ ଏତିକି ନୁହେଁ ଜାତିର ପିତା ମହାତ୍ମା ଗାନ୍ଧୀ ଏବଂ ଚାର୍ଲି ଚାପଲିନଙ୍କ ପରି ବ୍ୟକ୍ତିଙ୍କର ମଧ୍ୟ ଅନେକ ଚିତ୍ର ଆଙ୍କିଛନ୍ତି। କଫିରେ ଚିତ୍ର ଅଙ୍କନ କରିବା ପାଇଁ ଅମିତାଙ୍କୁ କରିବାକୁ ପଡିଥାଏ ଅନେକ ପରିଶ୍ରମ। ମାତ୍ର ପରିଶ୍ରମ କରିବାରେ କେବେ ବି ହେଳା କରନ୍ତି ନାହିଁ ଅମିତା। ଧୀରେ ଧୀରେ ତାଙ୍କର ଏହି ପ୍ରତିଭା ଅର୍ଥ ରୋଜଗାରର ମାଧ୍ୟମ ବନିଗଲା। ବିଭିନ୍ନ ସହରରେ ପ୍ରଦର୍ଶନୀ କରି ପେଣ୍ଟିଂ ବିକ୍ରି କରିବାକୁ ଆରମ୍ଭ କଲେ ସେ। ତାଙ୍କ ପେଣ୍ଟିଂ ଗୁଡିକ ବିଦେଶୀ ପର୍ଯ୍ୟଟକଙ୍କ ଦ୍ୱାରା ମଧ୍ୟ ଆଦୃତ ହୋଇଥିଲା। ବିଦେଶର ଅନେକ କାର୍ଯ୍ୟକ୍ରମରେ ଅମିତାଙ୍କ ପେଣ୍ଟିଂ ପାଇଁ ଏକ ସ୍ୱତନ୍ତ୍ର ସ୍ଥାନ ମଧ୍ୟ ରହିଲା। ତାଙ୍କର ଏହି ସଫଳତା ପାଇଁ ୨୦୧୩ରେ ତାଙ୍କୁ ଶ୍ରେଷ୍ଠ ଆତ୍ମନିର୍ଭରଶୀଳ ଭିନ୍ନକ୍ଷମ ପାଇଁ ଜାତୀୟ ପୁରସ୍କାର ମଧ୍ୟ ମିଳିସାରିଛି। ଅମିତାଙ୍କ ଶାରୀରିକ ଅକ୍ଷମତା କେବେ ବି ତାଙ୍କୁ ଅସହାୟ କରିନାହିଁ। ତାଙ୍କ କହିବାନୁଯାୟୀ, ମଣିଷର ଦୃଢ଼ମନା ହିଁ ତାଙ୍କୁ ସମସ୍ତ ସମସ୍ୟାର ସମ୍ମୁଖୀନ ହେବା ପାଇଁ ସାହସ ଦେଇଥାଏ।

# ଆଜିର ଭାଗ୍ୟ

**ମେଷ** କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

## ଡାଲିଜାତୀୟ ଫସଲ

ଛୁଇଁ ୮୦-୮୫ ଭାଗ ପାକଳ ହୋଇଗଲେ ଅମଳ କରି ଦିଅନ୍ତୁ । ଛୁଇଁ ଅଧିକ ଶୁଖି ଫାଟିଯିବା ଦ୍ୱାରା ମଞ୍ଜି ବାହାରି ବିଛାଡି ହୋଇପଡେ । ଆବଶ୍ୟକ ହେଲେ ଥରେ କିମ୍ବା ଦୁଇଥରରେ ପାକଳ ଛୁଇଁ ତୋଳି ନେଇ ସବୁଜ ଗଛକୁ ଚାଷ କରି ମାଟିରେ ମିଶାଇ ଦେବା ଭଲ । ଏହା ମାଟିକୁ ଉର୍ବର କରେ ।

-ଅମଳ ପରେ ମଞ୍ଜିକୁ ଭଲ ଭାବରେ ଖରାରେ ଶୁଖାଇ ଦିଅନ୍ତୁ । ସାଇତି ରଖିବା ବେଳକୁ ମଞ୍ଜିରେ ଶତକଡା ୧୦ଭାଗରୁ କମ୍ ଜଳୀୟଂଶ ରହିବା ଉଚିତ । ଏହି ସମୟରେ ବିହନ କି.ଗ୍ରା. ପ୍ରତି ୨ଗ୍ରାମ୍ ହିସାବରେ ସୋରିଷ ତେଲ କିମ୍ବା ରାଶି ତେଲ ଗୋଳାଇ ସାଇତି ରଖିଲେ ପୋକ ଲାଗିବା କମିଯାଏ ।




# ବିସ୍ତୃତ ଗଞ୍ଜାମର ବିଲୁପ୍ତ ଐଶ୍ୱର୍ଯ୍ୟ: ପୋତାଗଡ଼





**ଭା**ରତର ସାଂସ୍କୃତିକ ଏବଂ ରାଜନୈତିକ ବିକାଶଧାରାରେ ପ୍ରାଚୀନ କଳିଙ୍ଗ ବା ଆଧୁନିକ ଓଡ଼ିଶା ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଅଧିକାର କରିଥାଏ । ୧୯୩୬ ମସିହାରେ ଏକ ସ୍ୱତନ୍ତ୍ର ପ୍ରଦେଶ ଭାବରେ ଓଡ଼ିଶା ସ୍ୱୀକୃତି ଲାଭ କରି ଆପଣାର ସ୍ୱାତନ୍ତ୍ର୍ୟ ପ୍ରତିଷ୍ଠା କରିପାରିଛି । କିନ୍ତୁ ନବଗଠିତ ଓଡ଼ିଶା; ପ୍ରାଚୀନ କଳିଙ୍ଗ କିମ୍ବା ଉତ୍କଳର ବିସ୍ତୃତ ପରିସୀମାର ଏକ ଅଂଶ ମାତ୍ର ହୋଇ ରହିଯାଇଛି । ପୁଣି ତ୍ରିକଳିଙ୍ଗର ମୁଖ୍ୟ ଅଂଶ ଥିବା ଦକ୍ଷିଣ ଓଡ଼ିଶା ହରେଇ ବସିଛି ତା'ର ଅତୀତର ଗୌରବ ।




ସଂପ୍ରତି ଏହି କଳିଙ୍ଗର ଏକ ରଙ୍ଗହୀନ ସ୍ମୃତିକୁ ନେଇ ଗଞ୍ଜାମ ଜିଲ୍ଲା ଠିଆ ହୋଇଛି କହିଲେ ଅତ୍ୟୁକ୍ତି ହେବନାହିଁ । ୮୨୦୬ ବର୍ଗକିଲୋମିଟର ପରିବ୍ୟାପ୍ତ ଗଞ୍ଜାମ ଜିଲ୍ଲା ଉତ୍ତରରେ ଖୋର୍ଦ୍ଧା ଏବଂ ନୟାଗଡ଼, ପୂର୍ବରେ ବଙ୍ଗୋପସାଗର, ପଶ୍ଚିମରେ ଫୁଲବାଣୀ ଏବଂ ଗଜପତି, ଦକ୍ଷିଣରେ ଆନ୍ଧ୍ରପ୍ରଦେଶର ସୀମାରେଖା ଭିତରେ ସୀମିତ । ସମତଳ, ଉପକୂଳ ଅଞ୍ଚଳକୁ ଅନୁଧ୍ୟାନ କଲାବେଳେ ଏହାର ସଂସ୍କୃତି ଭିତରେ ଆର୍ଯ୍ୟ, ଦ୍ରାବିଡ଼ ଓ ଶାବର ସଂସ୍କୃତିର ମିଳନକୁ ଅନୁଭବ କରିହୁଏ । ପ୍ରାଚୀନ ମୌର୍ଯ୍ୟ ଏବଂ ଭୋଇ ବଂଶ ଦ୍ୱାରା ଶାସିତ ଏହି ଅଞ୍ଚଳ ଜଉଗଡ଼ର ଶିଳାଲିପି ମାଧ୍ୟମରେ ଏହାର ସାଂସ୍କୃତିକ ବୈଶିଷ୍ଟ୍ୟକୁ ଉପସ୍ଥାପିତ କରିଛି । ଇତିହାସ କହେ ପ୍ରାଚୀନ କଳିଙ୍ଗର ରାଜଧାନୀ ଥିଲା ଦନ୍ତପୁର, ଯାହାକୁ କି ଆଧୁନିକ ପାଲୁର ବୋଲି ବିଶ୍ୱାସ କରାଯାଏ । ତେଣୁ ଗୋପାଳପୁର, ପାଲୁର ଏବଂ ଗଞ୍ଜାମ ଭଳି ଏକ ବାଣିଜ୍ୟିକ ସଂସ୍କୃତିକୁ ଗଞ୍ଜାମ ଜିଲ୍ଲା ପ୍ରତିନିଧିତ୍ୱ କରିଥାଏ । ତାରାତାରିଣୀ, ଖେମେଶ୍ୱରୀ, ମହାମାୟୀ, ମହୁରାକାଳୁଆଠାରୁ ଆରମ୍ଭ କରି କୁଲାଡ଼, କନ୍ଧୁଣି, ସିଂହସାନୀ, ବାଙ୍କେଶ୍ୱରୀ ଭଳି ଶକ୍ତିପୀଠ ଏହାର ସାଂସ୍କୃତିକ ବୈଚିତ୍ର୍ୟକୁ ନେଇ ପ୍ରତିଫଳିତ । ସେହିପରି ଶ୍ରୀଜଗନ୍ନାଥ କ୍ଷେତ୍ରର ସର୍ବାଧିକ ପ୍ରଚାର ଓ ପ୍ରସାର ଗଞ୍ଜାମରେ ପ୍ରତିଷ୍ଠିତ ୬୦ରୁ ଉର୍ଦ୍ଧ୍ୱ ଆରାଧନାସ୍ଥଳୀରୁ ସୂଚିତ ହୋଇଥାଏ । ଓଡ଼ିଶାର ଶରଣ ଶ୍ରୀକ୍ଷେତ୍ର ଭାବେ ପରିଚିତ ମାରଦା ମନ୍ଦିର ଷୋଡ଼ଶ ଶତାବ୍ଦୀର ଇତିହାସକୁ ପାଠକ ଆଗରେ ଉପସ୍ଥାପିତ କରିଥାଏ । ଅନେକ ବିଶ୍ୱାସ କରନ୍ତି ଜଗନ୍ନାଥଙ୍କର ଆଦ୍ୟ ଆରାଧନା ସ୍ଥଳ ମହେନ୍ଦ୍ର ପର୍ବତ । ସେହିପରି ବ୍ରିଟିଶ ଶାସନ ବିରୁଦ୍ଧରେ ଘୁମୁସରରେ ଆରମ୍ଭ ହୋଇଥିବା ବିଦ୍ରୋହକୁ ପ୍ରଥମ ସ୍ୱାଧୀନତା ସଂଗ୍ରାମର ଆଖ୍ୟା ଦିଆଯାଇଥିଲା । ଚକରା ବିଶୋୟୀ ଓ ଦୋହରା ବିଶୋୟୀ ଏବଂ ଲକ୍ଷ୍ମଣ ନାୟକ ଆତ୍ମବଳିଦାନର ବିଷୟ ଆଜିବି ଇତିହାସର ଏକ ସ୍ୱର୍ଣ୍ଣାଭ ଅଧ୍ୟାୟ କହିଲେ ଅତ୍ୟୁକ୍ତି ହେବନାହିଁ ।

ଇତିହାସର ପୃଷ୍ଠାରେ ଗଞ୍ଜାମର ସ୍ୱାଭିମାନୀ ଚରିତ୍ରର ପ୍ରତିଫଳନ ଅନେକତ୍ର ସୁଲଭ । ଜଉଗଡ଼, ଆଠଗଡ଼ ପାଟଣା, ଘୁମୁସର ଗଡ଼, ମାଳତୀଗଡ଼ ଏବଂ ପୋତାଗଡ଼; ଗଞ୍ଜାମର ବିକଶିତ ପରମ୍ପରାକୁ ଉଜ୍ଜୀବୀତ କରିଥାଏ । ମହାଭାରତର ଜତୁଗୃହ ଦାହ ଉପାଖ୍ୟାନ ସହ ଜଉଗଡ଼ର ସଂପର୍କକୁ ଏ କ୍ଷେତ୍ରରେ ସ୍ମରଣ କରାଯାଇପାରେ । ଏହି ପରମ୍ପରାର ଅନ୍ୟ ଏକ ସ୍ମାରକୀ ହେଉଛି ଗଞ୍ଜାମର ସମୃଦ୍ଧ ଦୁର୍ଗ ପୋତାଗଡ଼ ।

ପ୍ରାଚୀନ ଭୌଗୋଳିକ ପରିସରକୁ ଅନୁଧ୍ୟାନ କରାଗଲେ ଐତିହ୍ୟ ସଂପନ୍ନ ଗଞ୍ଜାମର ବୈଭବକୁ ଅନୁଭବ କରିହୁଏ । ଏକ ସମୃଦ୍ଧ ବାଣିଜ୍ୟସ୍ଥଳୀ ଭାବରେ 'ଗଞ୍ଜ-ଏ-ଆମ୍' ଶବ୍ଦରୁ ଏହି ନାମ ବିକାଶଲାଭ କରିଥିବା ଦେଖାଯାଏ । ଉନବିଂଶ ଶତାବ୍ଦୀ ପର୍ଯ୍ୟନ୍ତ ସମୃଦ୍ଧ ଗଞ୍ଜାମର ରାଜଧାନୀ ଥିଲା 'ଗଞ୍ଜାମ' ବା ସଂପ୍ରତି 'ଗଞ୍ଜା' ନାମରେ ପରିଚିତ ଋଷିକୁଲ୍ୟା ଉପକୂଳର ଏ ଅଞ୍ଚଳ । କୁହାଯାଏ, ସମ୍ରାଟ ଅଶୋକଙ୍କ ଶାସନ କାଳ ପର୍ଯ୍ୟନ୍ତ 'ଗଞ୍ଜା' ଏକ ବନ୍ଦର ଏବଂ ବ୍ୟବସାୟିକ ସ୍ଥଳୀ ଭାବରେ ପ୍ରସିଦ୍ଧି ଲାଭ କରିଥିଲା । ଦକ୍ଷିଣ ପୂର୍ବ ଏସିଆ ପର୍ଯ୍ୟନ୍ତ ବିସ୍ତୃତ ଥିଲା ଏହାର ବ୍ୟବସାୟିକ ସୀମାରେଖା । ଆରବୀୟ ଭୂଗୋଳ ଶାସ୍ତ୍ରଜ୍ଞ ଇବନ୍‌-ଖୁର୍ଦ୍ଦାଧ୍‌ବି ତାଙ୍କ ରଚିତ 'ଅଲ୍‌-ମସଲିକ ଓ୍ୱାଲ ମମାଲିକ' ଗ୍ରନ୍ଥରେ ପୂର୍ବ ଉପକୂଳରେ କିଞ୍ଜା ନାମରେ ଯେଉଁ ଅଞ୍ଚଳକୁ ଚିହ୍ନିତ କରିଥିଲେ ତାହାହିଁ ଥିଲା ବର୍ତ୍ତମାନର 'ଗଞ୍ଜା' । 'ଗଞ୍ଜା' ଅଞ୍ଚଳ ପ୍ରଥମେ ଫରାସୀମାନଙ୍କ ଦ୍ୱାରା ଅଧିକୃତ ହୋଇଥିଲା । ୧୭୫୭ ମସିହାରେ ଫରାସୀ ସେନାନାୟକ ଡ଼ି. ବୁଶି' ଏଠାରେ ଏକ ବସତି ସ୍ଥାପନ କରିଥିବା ଇତିହାସ କହେ । ୧୭୬୬ ମସିହାରେ କିନ୍ତୁ ଏଡୱାର୍ଡ଼ କଟସ୍ ଫୋର୍ଡ ଏହି ଅଞ୍ଚଳକୁ ପ୍ରଥମେ ଆଗମନ କରିଥିବା ଏବଂ ବ୍ରିଟିଶ ଶାସନାଧୀନ କରିଥିବା କଥା 'ଓଡ଼ିଶା ହିଷ୍ଟୋରିକାଲ ରିସର୍ଚ୍ଚ ଜର୍ଣ୍ଣାଲ'ରେ ଉଲ୍ଲେଖ ଥିବା ଦେଖିବାକୁ ମିଳେ । ତାଙ୍କରି ଦ୍ୱାରା ସଂପ୍ରତି 'ପୋତାଗଡ଼' ନାମରେ ପରିଚିତ ଥିବା ସମୃଦ୍ଧ ଜନବସତି ଓ ବନ୍ଦରର ପରିକଳ୍ପନା କରାଯାଇଥିଲା । ଏହା ଥିଲା ମାଡ୍ରାସ ପ୍ରେସିଡ଼େନ୍‌ସିର ଗର୍ବ ଓ ଗୌରବ । ସୁଉଚ୍ଚ ଅଟ୍ଟାଳିକା, ବିଭିନ୍ନ କାରଖାନା, ସୌନ୍ଦର୍ଯ୍ୟମୟ ଉଦ୍ୟାନ, ଜଳାଶୟ ଏବଂ ପ୍ରଶସ୍ତ ସଡ଼କ ନିର୍ମାଣ କରି ଏହାକୁ ଏକ ପ୍ରସିଦ୍ଧ କେନ୍ଦ୍ର ଭାବରେ ସେ ରୂପାୟିତ କରିଥିଲେ । ଇତିହାସ କହେ ୧୮୧୫ ମସିହାରେ ମହାମାରୀର ଆତଙ୍କ ଏ ଅଞ୍ଚଳକୁ ଜନଶୂନ୍ୟ କରି ଗଢ଼ିତୋଳିଥିଲା । ୧୮୧୮ ମସିହାରେ 'ଗଞ୍ଜା' ହୋଇଥିଲା ଏକ ମୃତ ସହର । ସଂପ୍ରତି ଏଠାରେ ପଡ଼ିରହିଥିବା ଭଗ୍ନ ଅଟ୍ଟାଳିକା, ଜରାଜୀର୍ଣ୍ଣ ସମାଧିପୀଠ ଓ ସ୍ମୃତିଫଳକ ଅତୀତର ସ୍ମୃତିକୁ କେବଳ ଉଜ୍ଜୀବିତ କରିଥାଏ । ସଂପ୍ରତି ସ୍ଥାନୀୟ ବାସିନ୍ଦାମାନଙ୍କ ଦ୍ୱାରା ଅତ୍ୟାଚାରିତ ଏହି ଦୁର୍ଗ ଧ୍ୱଂସପ୍ରାୟ କହିଲେ ଅତ୍ୟୁକ୍ତି ହେବନାହିଁ । ଏହି ଦୁର୍ଗର ଅଧିକାଂଶ ଭାଗ ପୋତି ହୋଇ ରହିଥିବା ଯୋଗୁଁ ସମ୍ଭବତଃ ଏହା 'ପୋତାଗଡ଼' ଭାବରେ ପରିଚୟ ଲାଭ କରିଅଛି ।

'ପୋତାଗଡ଼' ଦୁର୍ଗ ଏକ ନକ୍ଷତ୍ର ଆକାର କ୍ଷେତ୍ରରେ ଅବସ୍ଥିତ । ଏହା ପ୍ରଶସ୍ତ ଓ ଗଭୀର ଗଡ଼ଖାଇ ଦ୍ୱାରା ପରିବେଷ୍ଟିତ । ଏହି ଦୁର୍ଗର ଆଭ୍ୟନ୍ତରରେ ବାସଗୃହ, ଅସ୍ତ୍ରାଗାର, ଭଣ୍ଡାରଘର, କାରାଗାର, ଅଶ୍ୱଶାଳ ରହିଥିବା ଦେଖାଯାଏ । ଦୁର୍ଗର ସୁରକ୍ଷା ନିମନ୍ତେ ଆଠଫୁଟ ପ୍ରସ୍ଥ ଓ ପନ୍ଦର ଫୁଟ ଉଚ୍ଚତା ବିଶିଷ୍ଟ କାନ୍ଥ; ୨୨୫୦ ଫୁଟ ଲମ୍ବ ଓ ୨୧୦୦ଫୁଟ ପ୍ରସ୍ଥ ବିଶିଷ୍ଟ ଅଞ୍ଚଳକୁ ଘେରିରହିଥିବା ଦେଖାଯାଏ । ଦୁର୍ଗରେ ଥିବା ଅସ୍ତ୍ରାଗାରରେ ଚାଳିଶ ହଜାର ପାଉଣ୍ଡ ବାରୁଦ ଏବଂ ପାଞ୍ଚଶହ ବନ୍ଧୁକ ସଜ୍ଜିତ ହୋଇ ରହୁଥିଲା । ଦୁର୍ଗର ନିର୍ମାଣ ନିମନ୍ତେ ମାଟିକାଦୁଅ ବ୍ୟବହୃତ ହୋଇଥିଲେ ହେଁ, ଏହା ଥିଲା ସୁଦୃଢ଼ । ଗୃହନିର୍ମାଣ ନିମନ୍ତେ ବଡ଼ ବଡ଼ କାଠ ବ୍ୟବହାର କରାଯାଇଥିଲା । ଏହାର ଛାତ ଥିଲା ଟାଇଲ୍ ଦ୍ୱାରା ଆବୃତ । ଦୁର୍ଗର ପୂର୍ବ ଓ ପଶ୍ଚିମଦିଗରେ ପ୍ରବେଶ ନିମନ୍ତେ ଦ୍ୱାର ନିର୍ମାଣ କରାଯାଇଥିଲା । ଦୁର୍ଗର ପଶ୍ଚିମ ଦ୍ୱାର ମହାକାଳର ପ୍ରବାହଧାରାରେ ଧ୍ୱଂସ ପାଇ ଯାଇଥିବା ବେଳେ, ପୂର୍ବଦ୍ୱାର ଏଯାବତ ଅକ୍ଷତ ଭାବରେ ଥିବା ଦେଖାଯାଏ । ଦୁର୍ଗର ଜଳ ନିଷ୍କାସନ ନିମନ୍ତେ ଚାରୋଟି ବଡ଼ ବଡ଼ ନର୍ଦ୍ଦମା ନିର୍ମାଣ କରାଯାଇଥିଲା । ଦୁର୍ଗରେ ଏକ କୂପ ମଧ୍ୟ ଦେଖିବାକୁ ମିଳିଥାଏ । ଦୁର୍ଗର ଦକ୍ଷିଣପୂର୍ବ କୋଣରେ ତିନି କିଲୋମିଟର ଦୈର୍ଘ୍ୟର ଏକ ସୁଡ଼ଙ୍ଗପଥ ଦେଖିବାକୁ ମିଳିଥାଏ । ସମ୍ଭବତଃ ଏହା ଦୁର୍ଗବାସୀଙ୍କୁ ଶତ୍ରୁ ଆକ୍ରମଣ କାଳରେ ନିଷ୍କ୍ରମଣ ନିମନ୍ତେ ବ୍ୟବହାର ହୋଇଥାଏ । ସମୁଦ୍ର ପର୍ଯ୍ୟନ୍ତ ବିସ୍ତୃତ ଏହି ସୁଡ଼ଙ୍ଗ ବର୍ତ୍ତମାନ ଲୁପ୍ତ ପ୍ରାୟ ।



ଅତୀତର ବହୁ କ୍ଷତକୁ ସହ୍ୟ କରି ତଥାପି ବଞ୍ଚି ରହିଥିବା 'ପୋତାଗଡ଼'ର ଅଶେଷ କ୍ଷତି ୧୯୯୦ ମସିହା ଋଷିକୂଲ୍ୟା ପ୍ରଳୟଂକରୀ ବନ୍ୟାରେ ହୋଇଥିଲା । ସଂପ୍ରତି ଏହା ଓଡ଼ିଶା ସରକାରଙ୍କ ପ୍ରତ୍ନତତ୍ତ୍ୱ ବିଭାଗର ତତ୍ତ୍ୱାବଧାନରେ ରହିଛି । କିନ୍ତୁ ଅତୀତର ଏହି ସ୍ମାରକୀର ସୁରକ୍ଷା ଦିଗରେ ଯଥେଷ୍ଟ ବ୍ୟବସ୍ଥା ଗ୍ରହଣ କରାଯାଇନାହିଁ କହିଲେ ଅତ୍ୟୁକ୍ତି ହେବନାହିଁ । ଆଗାମୀ ବଂଶଧରଙ୍କ ଆଗରେ ଏହି ସ୍ମାରକୀ ଅତୀତର ଗୌରବମୟ ଅଧ୍ୟାୟକୁ ଯେ ଉପସ୍ଥାପିତ କରିପାରିବ, ତାହା ସନ୍ଦେହଘେରରେ ।

ଇତିହାସରେ ଗଞ୍ଜା ଏଠାରେ ପ୍ରତିଷ୍ଠିତ 'ଚୈତନ୍ୟ ମଠ'କୁ ନେଇ ପ୍ରସିଦ୍ଧି ଲାଭ କରିଛି । ସେହିପରି ଗଞ୍ଜାର 'ଦୋଳଯାତ୍ରା' ହେଉଛି ଏ ଅଞ୍ଚଳର ଅନ୍ୟ ଏକ ଜନ-ମହୋତ୍ସବ । ଗଦାଧର ସାମନ୍ତରାୟଙ୍କ ଦ୍ୱାରା ନିର୍ମିତ ଶ୍ରୀ ଶ୍ରୀ ମଦନ ମୋହନ ଗୋପାଳ ସ୍ୱାମୀ ମନ୍ଦିରକୁ କେନ୍ଦ୍ର କରି ଦୋଳ ଏବଂ ଚନ୍ଦନ ଯାତ୍ରା ପାଳିତ ହୋଇଥାଏ । ପାଲୁର ରାଜାଙ୍କ ଦ୍ୱାରା ନିର୍ମିତ ଜଗନ୍ନାଥ ମନ୍ଦିର ଏ ଅଞ୍ଚଳର ଏକ ସ୍ମରଣୀୟ ଆଧ୍ୟାତ୍ମିକ କ୍ଷେତ୍ର । ଏହାଛଡ଼ା ରାମାୟଣ ସହ ସଂଯୁକ୍ତ ଖଣ୍ଡେଶ୍ୱର ଏବଂ ଗଙ୍ଗାଦେବୀ ମନ୍ଦିର ଏ ଅଞ୍ଚଳର ଆଧ୍ୟାତ୍ମିକ ଏବଂ ସାଂସ୍କୃତିକ ମହତ୍ତ୍ୱକୁ ପ୍ରକଟିତ କରିଥାଏ । ସଂପ୍ରତି ଗଞ୍ଜାର ବିସ୍ତୃତ ବେଳାଭୂମିରେ ଅଲିଭରିଡ଼ଲେଙ୍କ ସମୂହ ଅଣ୍ଡାଦାନ ସ୍ଥଳୀ ବିଶ୍ୱ ପରିବେଶ ତତ୍ତ୍ୱବିତ୍‌ଙ୍କ ଦୃଷ୍ଟିକୁ ଗଞ୍ଜାକ୍ଷେତ୍ରରେ ନିବଦ୍ଧ କରିଛି । ଯଥାର୍ଥରେ କହିଲେ ଓଡ଼ିଶାର ବୈଚିତ୍ର୍ୟମୟ ପରିପ୍ରକାଶ ଧାରାରେ ଏହା ହେଉଛି ଗଞ୍ଜାର ମହତ୍ତ୍ୱର ଅବଦାନ ।

ପରିଶେଷରେ ଏତିକି କହିଲେ ଯଥେଷ୍ଟ ହେବ ଭାରତୀୟ ବିଶ୍ୱାସରେ ମାଟିର ମହତ୍ତ୍ୱ କାଳକୁ ଆଧାର କରି ଆପଣାର ବୈଚିତ୍ର୍ୟ ପ୍ରଦର୍ଶିତ କରିଛି । ଅତୀତର ବୈଭବ ଓ ସମୃଦ୍ଧ ପରମ୍ପରାର ସ୍ମୃତିକୁ ନେଇ ଗଞ୍ଜାମ ନାମକୁ ବହନ କରିଥିବା ଏ ଜନପଦ ଆପଣାର ବୈଚିତ୍ର୍ୟ ଓ ବୈଶିଷ୍ଟ୍ୟ ହରାଇ କେବଳ ଭାରତର ରାଜନୈତିକ ମାନଚିତ୍ରରେ ଗୋଟିଏ ଜିଲ୍ଲା 'ଗଞ୍ଜାମ' ନାମରେ ପରିଚିତ ଲାଭ କରିଛି । ଆଶା ଆଗାମୀ ସମୟରେ ଏହି ଭୂଖଣ୍ଡ ଆପଣାର ସ୍ୱାତନ୍ତ୍ର୍ୟ ଓ ବୈଶିଷ୍ଟ୍ୟ ପୁଣି ଥରେ ପ୍ରତିଷ୍ଠା କରିବ-ଏ ବିଶ୍ୱାସ ରହିଲା ।

**ଡକ୍ଟର ମନୋରଞ୍ଜନ ବିଷୋୟୀ**
*ସ୍ନାତକୋତ୍ତର ଓଡ଼ିଆ ବିଭାଗ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ସଂପର୍କ: ୮୮୯୫୧୪୧୭୨୭*

# ଅଭିଭାବକଙ୍କ ମଧ୍ୟରେ ଖୁସିର ଲହରୀ

## ——ସ୍କୁଲ୍ ଚାଲିଲୁ ଆମେ——



ଭୁବନେଶ୍ୱର (ପିଏନ୍): ମହାମାରୀ କରୋନା ଯୋଗୁଁ ଆଜକୁ ଦୁଇବର୍ଷ ହେବ ବିଦ୍ୟାଳୟରେ ତାଲା ପଡ଼ିଥିଲା । ଯଦ୍ୱାରା କିଛି ବିଦ୍ୟାର୍ଥୀ ବସ୍ତାନିଠାରୁ ଦୂରରେ ରହିଯାଇଥିଲେ । ପାଠପଢାରୁ ମନ ଛାଡ଼ି ଯାଇଥିଲା । ଏହି ଦୁଇବର୍ଷ ମଧ୍ୟରେ କିଛି ପିଲା ବାପା ଓ ମାଆଙ୍କ ସହ ମୂଲ ଲାଗିବା ପାଇଁ ଚାଲିଗଲେ । ଏବେ ସ୍କୁଲ୍ ଖୋଲିବା ପରେ ବି ପିଲାମାନେ ସ୍କୁଲ୍ ଯିବାର ନାଁ ଧରିଲେ ନାହିଁ । ଏହା କୌଣସି ଉପାନ୍ତ ଅଞ୍ଚଳର ବିଦ୍ୟାର୍ଥୀମାନଙ୍କ କଥା ନୁହେଁ । ଏଭଳି କରୁଣ ଚିତ୍ର ଦେଖିବାକୁ ମିଳିଥିଲା ଖୋଦ୍ ରାଜଧାନୀ ଭୁବନେଶ୍ୱର ଉପକଣ୍ଠରେ ଥିବା ଚନ୍ଦକା-ଡ଼ମପଡ଼ା ହସ୍ତୀ ଅଭୟାରଣ୍ୟ ଘେର ମଧ୍ୟରେ ରହିଥିବା ଆଦିବାସୀ ପଲ୍ଲୀ କନ୍ଦଲେଇରେ । ବିଦ୍ୟାର୍ଥୀ ମାନଙ୍କର ଏଭଳି ଅଭାବନୀୟ ପରିସ୍ଥିତିକୁ ଦେଖି ଗାଁର ବିକାଶ ଦିଗରେ କାର୍ଯ୍ୟ କରୁଥିବା ସାମାଜିକ କର୍ମୀ ସୁଶାନ୍ତ ସାହୁ ଗତ କିଛିଦିନ ତଳେ ଗାଁରେ ଆରମ୍ଭ କରିଥିଲେ 'ଆସ ଆମେ ସ୍କୁଲ୍‌କୁ ଯିବା' ସଚେତନତା କାର୍ଯ୍ୟକ୍ରମ । ଗାଁର ଅଭିଭାବକ ଓ ବିଦ୍ୟାର୍ଥୀଙ୍କୁ ବୁଝାସୁଝା କରିବା ପରେ ଏବେ ୧୧ଜଣ ବିଦ୍ୟାର୍ଥୀ ସ୍କୁଲ୍ ଯିବା ଲାଗି ଅଣ୍ଟାଭିଡ଼ି ଆଗେଇ ଆସିଛନ୍ତି । ଆମେ ଆଉ ମୂଲ ଲାଗିବାକୁ ଯିବୁ ନାହିଁ । ସ୍କୁଲ୍‌କୁ ଯିବା ପାଇଁ ଆମେ ସମ୍ପୂର୍ଣ୍ଣ ପ୍ରସ୍ତୁତ । ପାଠ ପଢ଼ିବୁ, ଭଲ ମଣିଷ ହେବୁ । ସୂର୍ଯ୍ୟଙ୍କ ପରି ଚମକିବୁ । ଫୁଲ ପରି ମହକିବୁ ବୋଲି ବିଦ୍ୟାର୍ଥୀମାନେ ନିଜ ମନର କଥାକୁ ପ୍ରକାଶ କରିଛନ୍ତି । ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଏହି ଆଦିବାସୀ ବିଦ୍ୟାର୍ଥୀମାନେ ସ୍କୁଲ୍ ଯିବା ପୂର୍ବରୁ ସେମାନଙ୍କୁ ସ୍କୁଲ୍ ବ୍ୟାଗ୍, ଖାତା, କଲମ ଏବଂ ଅନ୍ୟାନ୍ୟ ପାଠ୍ୟ ଉପକରଣ ଆଦି ଜିନିଷ ଶହୀଦନଗର ଅଞ୍ଚଳର ସାମାଜିକ କର୍ମୀ ଶ୍ରୀମତୀ କ୍ରିଷ୍ଣା ମହାପାତ୍ର ଯୋଗାଇ ଦେଇଛନ୍ତି । ପାଠ୍ୟ ଉପକରଣ ଗୁଡ଼ିକୁ ସ୍ଥାନୀୟ ସରପଞ୍ଚ ବିଷ୍ଣୁ ପ୍ରସାଦ ଢ଼େଙ୍ଗ, ସାମାଜିକ କର୍ମୀ ଶ୍ରୀପତି ଆଚାର୍ଯ୍ୟ, ତ୍ରିଲୋଚନ ବେଉରା, ପ୍ରିୟବ୍ରତ ପଣ୍ଡା ଏବଂ ପ୍ରଦୀପ୍ତ ରଞ୍ଜନ ରାଉତଙ୍କ ଉପସ୍ଥିତିରେ ପ୍ରଦାନ କରଯାଇଛି । ବିଦ୍ୟାର୍ଥୀମାନେ ବିଦ୍ୟାଳୟକୁ ଯିବା ନିଶ୍ଚିତ ହେବା ପରେ ଅଭିଭାବକ ଓ ଗାଁରେ ଖୁସିର ଲହରୀ ଖେଳିଯାଇଛି ।




# ବରିଷ୍ଠ ନାଗରିକଙ୍କୁ ଯାତ୍ରୀ ଭଡାରେ ରିହାତି ଦେବା ସହିତ ପାସେଞ୍ଜର ଟ୍ରେନ୍‌ର ଯାତ୍ରୀ ଭଡା ବୃଦ୍ଧି ନ କରିବାକୁ କଂଗ୍ରେସର ଦାବି

ରାଉରକେଲା (ପିଏନ୍): ବରିଷ୍ଠ ନାଗରିକମାନଙ୍କୁ ରେଳ ଯାତ୍ରା ସମୟରେ ଭଡାରେ ରିହାତି ମିଳୁଥିଲା । ବରିଷ୍ଠ ନାଗରିକମାନଙ୍କୁ ଭଡାରେ ୪୦ ପ୍ରତିଶତ ରିହାତି ମିଳୁଥିବା ବେଳେ ବରିଷ୍ଠ ମହିଳା ନାଗରିକମାନଙ୍କୁ ରେଳ ଭଡାରେ ୫୦ ପ୍ରତିଶତ ରିହାତି ମିଳୁଥିଲା । ତେବେ କରୋନାଜନିତ ଲକ୍‌ଡାଉନ ପରଠାରୁ ବରିଷ୍ଠ ନାଗରିମାନଙ୍କ ଭଡାରେ ରିହାତି ବ୍ୟବସ୍ଥାକୁ ଉଚ୍ଛେଦ କରି ରେଳବାଇ କର୍ତ୍ତୃପକ୍ଷ ପୁରା ଅର୍ଥ ଆଦାୟ କରୁଛନ୍ତି । ତେବେ ଇତିମଧ୍ୟରେ ଲକ୍‌ଡାଉନ ହଟିବା ସହିତ ରେଳ ଚଳାଚଳ ସ୍ୱାଭାବିକ ହୋଇଥିବା ବେଳେ ବରିଷ୍ଠ ନାଗରିକମାନଙ୍କର ରେଳ ଯାତ୍ରା ବେଶ୍ ବୃଦ୍ଧି ପାଇଛି । ଅପରପକ୍ଷରେ ଅଦ୍ୟାବଧି ବରିଷ୍ଠ ନାଗରିକଙ୍କ ଯାତ୍ରୀଭଡାରେ ରେଳବାଇ କର୍ତ୍ତୃପକ୍ଷ ପୂର୍ବବତ ଯାହାକି ବ୍ୟବସ୍ଥାକୁ ପୁନଃ ପ୍ରଚଳନ ନ କରି ବରିଷ୍ଠ ନାଗରିକମାନଙ୍କୁ ଲୁଣ୍ଠନ କରୁଛନ୍ତି ବୋଲି ଜିଲ୍ଲା କଂଗ୍ରେସ ତରଫରୁ ଅଭିଯୋଗ କରାଯାଇ ରେଳବାଇ ବୋର୍ଡ ଅଧ୍ୟକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି । ସେହିପରି ପାସେଞ୍ଜର ଟ୍ରେନ୍‌ଗୁଡିକୁ ଏକ୍ସପ୍ରେସ୍ ଟ୍ରେନ୍‌ରେ ପରିଣତ କରାଯାଇ ଚକ୍ରଧରପୁର ଡିଭିଜନର କେତେକ ପାସେଞ୍ଜର ଟ୍ରେନରେ ଯାତ୍ରୀମାନଙ୍କଠାରୁ ଏକ୍ସପ୍ରେସ୍ ଟ୍ରେନର ଭଡା ଆଦାୟ କରାଯାଉଛି ବୋଲି କଂଗ୍ରେସ ତରଫରୁ କୁହାଯାଇ ଏହାର ପ୍ରତିବାଦ କରାଯାଇଛି । ଉଦାହରଣ ସ୍ୱରୂପ ରାଉରକେଲା-ପୁରୀ ଓ ଟାଟା-ଝାରସୁଗୁଡା ଓ ଟାଟା-ଏତଓ୍ୱାରୀ ଆଦି ପାସେଞ୍ଜର ଟ୍ରେନର ଯାତ୍ରୀମାନଙ୍କଠାରୁ ଏକ୍ସପ୍ରେସ୍ ଟ୍ରେନ୍‌ର ଭଡା ଆଦାୟ କରାଯାଉଛି ବୋଲି ଜିଲ୍ଲା କଂଗ୍ରେସ ତରଫରୁ ରେଳବାଇ ବୋର୍ଡ ଅଧ୍ୟକ୍ଷଙ୍କ ଉଦ୍ଦେଶ୍ୟରେ ପ୍ରଦତ୍ତ ସ୍ମାରକପତ୍ରରେ କୁହାଯାଇଛି । ରେଳବାଇ କର୍ତ୍ତୃପକ୍ଷ ଏହି ଟ୍ରେନ୍‌ଗୁଡିକ ଏକ୍ସପ୍ରେସ୍ ଟ୍ରେନ୍‌ରେ ପରିଣତ କରାଯାଇଛି ବୋଲି କହୁଥିଲେ ହେଁ ବାସ୍ତବରେ ସମ୍ପୃକ୍ତ ଟ୍ରେନ୍‌ଗୁଡିକ ଯାତ୍ରା ସମୟରେ ପୂର୍ବ ରହଣୀ ସ୍ଥାନରେ ରହୁଥିବା ବେଳେ ଲକ୍ଷ୍ୟସ୍ଥଳରେ ପହଞ୍ଚିବା ପାଇଁ ପୂର୍ବରୁ ଯେତିକି ସମୟ ଲାଗୁଥିଲା ସେତିକି ସମୟ କିମ୍ବା ତା ଠାରୁ ଅଧିକ ସମୟ ଲାଗୁଛି । ଯାତ୍ରୀମାନଙ୍କୁ ଏକ୍ସପ୍ରେସ୍ ଟ୍ରେନ୍‌ର ସୁବିଧା ନ ଦେଇ ଅନ୍ୟାୟ ଓ ଅବିଚାର ଭାବେ ବର୍ତ୍ତମାନର ମହଙ୍ଗା ସମୟରେ ଏକ୍ସପ୍ରେସ୍ ଟ୍ରେନ୍ ଭଡା ଆଦାୟ କରାଯାଇ ସାଧାରଣ ଯାତ୍ରୀଙ୍କୁ ଲୁଣ୍ଠନ କରାଯାଉଛି ବୋଲି କଂଗ୍ରେସ ତରଫରୁ କୁହାଯାଇଛି । ଗତ ତା-୧୮.୫.୨୨ ରିଖରେ ସ୍ଥାନୀୟ ରାଉରକେଲା ରେଳଷ୍ଟେସନ ମ୍ୟାନେଜରଙ୍କ ଜରିଆରେ ରେଳବାଇ ବୋର୍ଡ ଅଧ୍ୟକ୍ଷଙ୍କୁ ଏହି ସ୍ମାରକପତ୍ର ପ୍ରଦାନ କରାଯିବା ସହିତ ଏହାର ନକଲ ଦକ୍ଷିଣ-ପୂର୍ବ ରେଳବାଇର ମହାପ୍ରବନ୍ଧକ ଏବଂ ସିକେପି ଡିଭିଜନର ପ୍ରବନ୍ଧକଙ୍କୁ ପ୍ରଦାନ କରାଯାଇଛି । ଏହି ସ୍ମାରକପତ୍ରରେ ତୁରନ୍ତ ବରିଷ୍ଠ ନାଗରିକଙ୍କୁ ଯାତ୍ରୀଭଡାରେ ରିହାତି ବ୍ୟବସ୍ଥା ଲାଗୁ କରିବା ସହିତ ପାସେଞ୍ଜର ଟ୍ରେନଗୁଡିକରେ ବୃଦ୍ଧି କରାଯାଇଥିବା ଭଡାକୁ ପ୍ରତ୍ୟାହାର କରିନେବାକୁ ଦାବି କରାଯାଇଛି । ଅନ୍ୟଥା ଏ ପ୍ରସଙ୍ଗକୁ ନେଇ ଜିଲ୍ଲା କଂଗ୍ରେସ ତରଫରୁ ଆଗାମୀ ଦିନରେ ବ୍ୟାପକ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି । ଏହି ସ୍ମାରକପତ୍ର ପ୍ରଦାନ ଅବସରରେ ଜିଲ୍ଲା କଂଗ୍ରେସର ପୂର୍ବତନ ସଭାପତି ତଥା ପ୍ରାକ୍ତନ ବିଧାୟକ ପ୍ରାର୍ଥୀ ବିରେନ ସେନାପତି, ବରିଷ୍ଠ ଉପସଭାପତି ଦେବବ୍ରତ ବିହାରୀ, ପିସିସି ସଭ୍ୟ ରାମାନନ୍ଦ ଶ୍ରୀଚନ୍ଦନ, ପୂର୍ବତନ କାର୍ଯ୍ୟକାରୀ ସଭାପତି ସବୀର ହୁସେନ, ଉପସଭାପତି କୀର୍ତ୍ତନ ଦାସ, ସାଧାରଣ ସମ୍ପାଦକ ଶଙ୍କର ଅଗ୍ରଓ୍ୱାଲ, ଇନଟକ ସଭାପତି ନିହାର ଦାସ, ମୁଖପାତ୍ର କୈଳାସ ସାହୁ, ମହିଳା କଂଗ୍ରେସ ସଭାନେତ୍ରୀ ନିରୂପମା ବଳିୟାର ସିଂ, ଜିଲ୍ଲା କଂଗ୍ରେସ କାର୍ଯ୍ୟନିର୍ବାହୀ ସଦସ୍ୟ ରୁକସାନା ବେଗମ, ବିଜୟ ପଟ୍ଟନାୟକ, ଭାସ୍କର ଖିଲ୍ଲାର, ଝୁନୁ ପଟ୍ଟନାୟକ, ବିଦ୍ୟାଧର ସିଂ, ରତିକାନ୍ତ ମଲ୍ଲିକ, ରେହେମାନ ଖାନ, ବାବୁ ଖାନ, ସେବାଦଳର ସାରଦା ପ୍ରସନ୍ନ ଦାସ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ ବୋଲି ଦଳ ପକ୍ଷରୁ ଏକ ପ୍ରେସ୍ ବିବୃତିରେ କୁହାଯାଇଛି ।

# ଚେକ୍ ବାଉନ୍ସ ମାମଲାରେ ଦୋଷୀକୁ ଏକ ବର୍ଷ ସଶ୍ରମ କାରାଦାଣ୍ଡ

ବାଲେଶ୍ୱର (ପିଏନ୍)-ଏକ ଚେକ୍ ବାଉନ୍ସ ମାମଲାର ବିଚାର କରି ଏସଡ଼ିଜେଏମ ଦୋଷୀକୁ ଜେଲ ଦଣ୍ଡ ସହ ୩ ଲକ୍ଷ ଟଙ୍କା ଜରିମାନା ଆଦେଶ କରିଛନ୍ତି । ଜରିମାନା ଅନାଦେୟ ଦୋଷୀକୁ ଅଧିକ ୩ ମାସ କାରାଦଣ୍ଡ ଭୋଗିବାକୁ ରାୟ ଦେଇଛନ୍ତି । ନୀଳଗିରି ଡାକବଙ୍ଗଳା ନିକଟସ୍ଥ ରାଧାଶ୍ୟାମ ଟିମ୍ବର୍ ଡିପୋର ମାଲିକ ପାର୍ବତୀ ସିଂହଙ୍କ ପାଖଣ୍ଡୀପୁର ଡିପୋରୁ କାହାଳିଆ ଚକ୍ରଧରପୁର ଶାସନର ଗୋପିନାଥ ପଣ୍ଡାଙ୍କ ପୁଅ କମଳା ପଣ୍ଡା ଘର ପାଇଁ ୧୯୪୫୦ ଟଙ୍କାର କାଠ ନେଇଥିଲେ । ଏ ବାବଦକୁ ସେ ନୀଳଗିରି ଷ୍ଟେଟ ବ୍ୟାଙ୍କର ଦୁଇଟି ଚେକ୍ ଦେଇଥିଲେ । ମାତ୍ର ଶ୍ରୀ ପଣ୍ଡାଙ୍କର ବ୍ୟାଙ୍କ ଏକାଉଂଟରେ ଟଙ୍କା ଜମା ନ ଥିବାରୁ ଚେକ ୨ଟି ବାଉନ୍ସ ହୋଇଯାଇଥିଲା । ଫଳରେ ଡିପୋ ମାଲିକ ପାର୍ବତୀ ସିଂହ ନୀଳଗିରି ଏସଡ଼ିଜେଏମଙ୍କ କୋର୍ଟରେ ଏକ ମାମଲା କରିଥିଲେ । ଏହି ମାମଲାର ବିଚାର କରି ମାନ୍ୟବର ଏସଡ଼ିଜେଏମ ଏହି ଦଣ୍ଡ ପ୍ରଦାନ କରିଛନ୍ତି । ଦୋଷୀକୁ ନୀଳଗିରି ଜେଲକୁ ପଠାଇ ଦିଆଯାଇଛି ।

# ୨୭ରେ ପ୍ରଣବ ପ୍ରଣାମ: ଇନ୍ଦ୍ରାଣୀ ମିଶ୍ରଙ୍କୁ ପ୍ରଣବ ପରମ୍ପରା ସମ୍ମାନ

ଭୁବନେଶ୍ୱର (ପିଏନ୍)-ଓଡ଼ିଆ ସ୍ୱାଭିମାନ, ସଂସ୍କୃତି, ଐତିହ୍ୟ ଓ ପରମ୍ପରାର ସୁରକ୍ଷା ଓ ସଂପ୍ରସାରଣ ଉଦ୍ଦେଶ୍ୟରେ ସଂଭାବନା ପକ୍ଷରୁ କିମ୍ବଦନ୍ତ ଗାୟକ ପ୍ରଣବ କିଶୋର ପଟ୍ଟନାୟକଙ୍କ ଜୟନ୍ତୀ କ୍ରମରେ ଅନୁଷ୍ଠିତ ହେଉଥିବା 'ପ୍ରଣବ ପ୍ରଣାମ' ମହାମାରୀ ପାଇଁ ଯାହା ସ୍ଥଗିତ ଥିଲା ତାହା ପରିବର୍ତ୍ତିତ ଭାବେ ଅନୁଷ୍ଠିତ ହେଉଛି । ଏହି କ୍ରମରେ ଆସନ୍ତା ମଇ-୨୭ ତାରିଖ ସଂଧ୍ୟା ୬ଘଟିକାରେ ଜୟଦେବ ଭବନଠାରେ ଆୟୋଜିତ ଏହି ଉତ୍ସବରେ ସ୍ୱୟଂ ପ୍ରଣବ ପଟ୍ଟନାୟକଙ୍କ ସହ ସୁଶାନ୍ତ ପଣ୍ଡା, ଛନ୍ଦା ମିଶ୍ର, ସିଦ୍ଧାନ୍ତ ଶତ୍‌ପଥି, ଅର୍ଣ୍ଣବ ପଣ୍ଡା, ଇପ୍‌ସିତା ମହାନ୍ତି, ପୁଣ୍ୟତା ଦାଶ ଆଦି ସଂଗୀତ ଶିଳ୍ପୀମାନେ ପ୍ରଣବ ସଂଗୀତ ପରିବେଷଣ କରିବେ । ପ୍ରତିବର୍ଷ ଏହି ଅବସରରେ ରୁଚିସମ୍ପନ୍ନ ଓ ଭାବପୂର୍ଣ୍ଣ ଓଡିଆ ସଂଗୀତ ଗାୟନ ପାଇଁ 'ପ୍ରଣବ ପରମ୍ପରା ସମ୍ମାନ' ପ୍ରଦାନ କରାଯାଇଥାଏ । ଚଳିତ ବର୍ଷର ଏହି ସ୍ୱତନ୍ତ୍ର ସମ୍ମାନ ବିଶିଷ୍ଟ କଣ୍ଠଶିଳ୍ପୀ ଶ୍ରୀମତୀ ଇନ୍ଦ୍ରାଣୀ ମିଶ୍ରଙ୍କୁ ପ୍ରଦାନ କରାଯିବ । ଏହି ବିଷୟ ସୂଚନା ଦେବା ପାଇଁ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ସଂଭାବନାର ପରିଚାଳନା ଟ୍ରଷ୍ଟି ଦେବପ୍ରସାଦ ପରିଜା, ବିଶିଷ୍ଟ ସିନେ ସମୀକ୍ଷକ ସୂର୍ଯ୍ୟ ଦେଓ, ସଂଭାବନାର ଟ୍ରଷ୍ଟି ସ୍ମୃତି ମହାନ୍ତି, ରାଜଶ୍ରୀ ଶତ୍‌ପଥି, ସତ୍ୟବ୍ରତ ମହାପାତ୍ର, ସୌଦାମିନୀ ସାମଲ ତଥା ଅନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ । ଏହିଠାରେ ଉଲ୍ଲେଖଯୋଗ୍ୟ ଯେ ପୂର୍ବରୁ ଡ. ସୁଧା ମିଶ୍ର, ଶ୍ରୀମତୀ ଶାନ୍ତିଲତା ବାରିକ ଛୋଟରାୟ, ତୃପ୍ତି ଦାସ, ସ୍ୱରୂପା ଚକ୍ରବର୍ତ୍ତୀ, ଗୀତା ପଟ୍ଟନାୟକ, ଚିତ୍ତ ଜେନା, ଆରତୀ ମିଶ୍ର, ଶ୍ୟାମାମଣି ଦେବୀ, ଶେଖର ଘୋଷ, ଶ୍ରୀକାନ୍ତ ଦାସ, ସୁବାସ ଦାଶ, ସତ୍ୟ ରଥ ଓ ସନ୍ତୋଷ ଦାଶ ପ୍ରଣବ ପରମ୍ପରା ସମ୍ମାନ ଗ୍ରହଣ କରିସାରିଛନ୍ତି । ଆସନ୍ତା ମଇ-୨୭ ତାରିଖ, ସଂଧ୍ୟା ୬ଘଟିକା ସମୟରେ ଜୟଦେବ ଭବନଠାରେ ଉପସ୍ଥିତ ରହି ଏହି ପ୍ରଣବ ସଂଗୀତର ସ୍ୱତନ୍ତ୍ର କାର୍ଯ୍ୟକ୍ରମକୁ ଉପଭୋଗ କରିବାକୁ ସଂଗୀତପ୍ରେମୀମାନଙ୍କୁ ସଂଭାବନା ପକ୍ଷରୁ ଅନୁରୋଧ କରାଯାଇଛି ।

# ଆରଡେଣ୍ଟ ଷ୍ଟିଲକୁ ଓଡିଶା ବେଷ୍ଟ ଏମ୍ପ୍ଲୋୟର ବ୍ରାଣ୍ଡ ଆଓ୍ୱାର୍ଡ ୨୦୨୨ ସମ୍ମାନ




କେନ୍ଦୁଝର (ପିଏନ୍): କେନ୍ଦୁଝର ଜିଲ୍ଲା ବାଂଶପାଳ ବ୍ଲକ ଫୁଲଝର ସ୍ଥିତ ଆରଡେଣ୍ଟ ଷ୍ଟିଲ ପ୍ରାଇଭେଟ ଲିଃକୁ ସମ୍ମାନ ଜନକ ଓଡିଶା ବେଷ୍ଟ ଏମ୍ପ୍ଲୋୟର ବ୍ରାଣ୍ଡ ଆଓ୍ୱାର୍ଡ଼୨୦୨୨ ମିଳିଛି । ଓ୍ୱାର୍ଲ୍ଡ ଲିଡରସିପ ଆଓ୍ୱାର୍ଡ ଆନୁକୂଲ୍ୟରେ ଭୁବନେଶ୍ୱରରେ ଆୟୋଜିତ ଏକ ବର୍ଣ୍ଣାଢ୍ୟ ଉତ୍ସବରେ ସଂସ୍ଥାର ସ୍ୱାଧିନ ନିର୍ଦ୍ଦେଶକ ଡକ୍ଟର ଆର.ଏଲ ଭାଟିଆ, ସିଏଚ୍‌ଆରଓ ଏସିଆ ପ୍ରୋଜେକ୍ଟ ହେଡ ଆସିଫ ସୟେଦ ଏହି ପୁରସ୍କାର ପ୍ରଦାନ କରିଛନ୍ତି । ଆରଡେଣ୍ଟ ଷ୍ଟିଲ ପ୍ରାଇଭେଟ ଲିଃର ପୂର୍ଣ୍ଣକାଳୀନ ନିର୍ଦ୍ଦେଶକ ଡକ୍ଟର ସୁଭାଶିଷ ଦାସ ଏହି ପୁରସ୍କାର ଗ୍ରହଣ କରିଛନ୍ତି । ଆରଡେଣ୍ଟ ଷ୍ଟିଲ ପ୍ରାଇଭେଟ ଲିଃ ଦେଶର ଅଗ୍ରଣୀ ପିଲେଟ କାରଖାନା ଅଟେ । ୨୦୧୦ ମସିହାରେ ପ୍ରତିଷ୍ଠା ଲାଭ କରିଥିବା ଏହି କମ୍ପାନୀରୁ ବାର୍ଷିକ ୦.୮୫ ମେଟ୍ରିକ ଟନ ପିଲେଟ ଉତ୍ପାଦନ ହୋଇଥାଏ । ଗ୍ରେଟ କ୍ଲିନ ଟେକନୋଲୋଜିରେ ନିର୍ମିତ ଏହି କାରଖାନା ରାଜ୍ୟରେ ପ୍ରଥମ ଅଟେ । କାରଖାନାର ଉତ୍ପାଦନ ହେଉଥିବା ପିଲେଟ ଅତି ଉଚ୍ଚ ମାନର ହୋଇଥିବାରୁ ଶତ ପ୍ରତିଶତ ଉତ୍ପାଦନ ହେଉଥିବା ପିଲେଟ ରାଜ୍ୟ ଏବଂ ଆନ୍ତର୍ଜାତୀୟ ବଜାରରେ ବିକ୍ରୀ ହୋଇଥାଏ । ଏହାବ୍ୟତିତ ସ୍ଥାନୀୟ ଲୋକଙ୍କୁ ନିଯୁକ୍ତିରେ ଅଗ୍ରାଧିକାର, ସ୍ୱଚ୍ଛତା, ସୁରକ୍ଷା ପ୍ରତି କମ୍ପାନୀ ପ୍ରତିଶ୍ରୁତିବଦ୍ଧ ଅଟେ । କାରଖାନା ଚତୁଃପାର୍ଶ୍ୱରେ ସବୁଜ ବଳୟ ସୃଷ୍ଟି କରାଯାଇଛି । ପ୍ରତ୍ୟକ୍ଷ ଭାବେ ୪୦୦ କର୍ମଚାରୀ ଏବଂ ପରୋକ୍ଷ ଭାବେ ୧୨୦୦ କର୍ମଚାରୀ କାର୍ଯ୍ୟ କରୁଛନ୍ତି । କମ୍ପାନୀକୁ ଏହି ସମ୍ମାନଜନକ ପୁରସ୍କାର ମିଳିଥିବାରୁ ନିର୍ଦ୍ଦେଶକ ଡକ୍ଟର ସୁଭାଶିଷ ଦାସ ସମସ୍ତ କର୍ମଚାରୀ, ଷ୍ଟେକ ହୋଲଡର, ଜିଲ୍ଲା ପ୍ରଶାସନକୁ ଧନ୍ୟବାଦ ଜଣାଇଛନ୍ତି । ପୁରସ୍କାର ବିତରଣୀ ଉତ୍ସବରେ ଆରଡେଣ୍ଟ ଷ୍ଟିଲ ପ୍ରାଇଭେଟ ଲିଃ ଡିଜିଏମ (ସେଲ୍ସ ଏଣ୍ଡ ମାର୍କେଟିଂ) ଦିଲ୍ଲୀପ କୁମାର ପାଣି, ପ୍ଲାଣ୍ଟ ହେଡ ସନ୍ତୋଷ ଲେଙ୍କା, ଫାଇନାନ୍ସ ହେଡ ବିଭୂପ୍ରସାଦ ଜେନା, ଏଚ୍‌ଆର ହେଡ ରଂଜନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

# ଉତ୍କଳ ସାମ୍ବାଦିକ ସଂଘ ଯାଜପୁର ଶାଖାର ସାଙ୍ଗଠନିକ ବୈଠକ

ଯାଜପୁର (ପିଏନ୍): ଉତ୍କଳ ସାମ୍ବାଦିକ ସଂଘ ଯାଜପୁର ଶାଖା ପକ୍ଷରୁ ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ସଭାଗୃହରେ ଏକ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଯାଜପୁର ଶାଖା ସଭାପତି ହରିହର ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସଂଗଠନକୁ ଶକ୍ତିଶାଳୀ କରିବା ପାଇଁ ମତ ପ୍ରକାଶ ପାଇଛି । ରାଜ୍ୟ କାର୍ଯ୍ୟକାରି ସଭାପତି ହାରାଧନ ବାନାର୍ଜୀ, ରାଜ୍ୟ ସଂଯୋଜକ ମଦନ ପାଣି, ଭଦ୍ରକ ଶାଖା ସଭାପତି ରବିନାରାୟଣ ଖିଲାର ଯୋଗଦାନ କରି ସାମ୍ବାଦିକ ସୁରକ୍ଷା ପେନ୍‌ସନ୍ ଆଦି ବିଭିନ୍ନ ନ୍ୟାଯ୍ୟ ଦାବି ଉପରେ ମନ୍ତବ୍ୟ ପ୍ରଦାନ କରି ସଂଗଠନକୁ କ୍ରିୟାଶୀଳ କରିବା ପାଇଁ ପ୍ରସ୍ତାବ ଦେଇଛନ୍ତି । ବରିଷ୍ଠ ସାମ୍ବାଦିକ ପ୍ରିୟରଂଜନ କର ସଂଗଠନର ଦାବିକୁ ସରକାରଙ୍କ ନିକଟରୁ ହାସଲ କରିବାକୁ ହେଲେ ଏକ ପ୍ରତିନିଧି ଦଳ ବାରମ୍ବାର ନ୍ୟାଯ୍ୟ ଦାବିକୁ ସରକାରଙ୍କ ନିକଟରେ ଉପସ୍ଥାପନ କରି ହାସଲ କରିବାକୁ ପରାମର୍ଶ ଦେଇଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ସଂଘର ଉପ-ସଭାପତି ବାଞ୍ଛାନିଧି ସାହୁ, ପୀତବାସ ଭୂୟାଁ, ଅଭିମନ୍ୟୁ ମିଶ୍ର, ଜୟନ୍ତ ଗୋସ୍ୱାମୀ ପ୍ରମୁଖ ସାମ୍ବାଦିକ ସୁରକ୍ଷା ଉପରେ ଆଲୋଚନା କରି କହିଥିଲେ । ସୁରେଶ କର, ଅଜୟ ଜେନାଙ୍କ ସମେତ କେତେକ ଯୁବ ସାମ୍ବାଦିକ ଏହି ସଂଗଠନରେ ନୂତନ କରି ସାମିଲ ହୋଇଥିଲେ । ରାଜ୍ୟ କାର୍ଯ୍ୟକାରି ସଭାପତି ବାନାର୍ଜୀ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ । ଶେଷରେ ପ୍ରଭୁଦତ୍ତ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ । ଜିଲ୍ଲାର ଦଶଗୋଟି ବ୍ଲକର ପ୍ରତିନିଧି, ସତ୍ୟବ୍ରତ ନାୟକ, ଜିତେନ୍ଦ୍ର କୁମାର ବେହେରା, ଦିବ୍ୟକାନ୍ତ କର, ମନୋଜ ରଣା, ସୀତାଂଶୁ ଶେଖର ଜେନା, ଶଙ୍କର ସାହୁ, ରାଜକିଶୋର ପଣ୍ଡା, ପ୍ରଶାନ୍ତ କୁମାର ପାତ୍ର, ବିହାର ରଂଜନ ବେହେରା, ଅଭିମନ୍ୟୁ ମିଶ୍ର, ପ୍ରଦ୍ୟୁମ୍ନ ବୋଇତେଇ, ପବିତ୍ର ମହାନ୍ତି, ସୁଦିପ୍ତ କୁମାର ମିଶ୍ର, ପ୍ରଭୁ କଲ୍ୟାଣ ମହାନ୍ତି, ସୁକୁମା ଚନ୍ଦ୍ର ରାଉତ, ଅଜୟ କୁମାର ବେହେରା, ଭରତ କୁମାର ନାୟକ, ଦର୍ଶନୀ ବେହରା, ବିଶ୍ୱଜିତ କର, ଚନ୍ଦ୍ରକାନ୍ତ ପତି, ଅଭୟ କୁମାର ସାହୁ, ସନ୍ତୋଷ କୁମାର ଦାସ, ଦୀପକ ମହାନ୍ତି ପ୍ରମୁଖ ଉପସ୍ଥିତ ରହି ସଂଗଠନକୁ ମଜବୁତ କରିବା ସହିତ ସାମ୍ବାଦିକମାନଙ୍କ ସମସ୍ୟା ସମ୍ପର୍କରେ ଆଲୋଚନାରେ ଭାଗ ନେଇ ଆଗାମୀ ଦିନର କାର୍ଯ୍ୟପନ୍ଥାକୁ ନେଇ ଏକ କମିଟି ଗଢ଼ା ଯାଇଅଛି ।

> ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
> ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
> ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
> ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
> ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
> ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
>
> ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ

ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୨, ମେ’ ୨୬

## —ସଚେତନ ଜ୍ଞାନ—



କୌଣସି କଥା, ବିଷୟ ହେଉ କି ସାମାଜିକ ତଥ୍ୟ, ତତ୍ତ୍ୱକୁ ବିଚାରଶୀଳ ଭାବଧାରା ତଥା ବିଶ୍ଳେଷିତ, ପରିମାର୍ଜିତ ଢଙ୍ଗରେ ଗ୍ରହଣ କରିବା ସଚେତନ ଜ୍ଞାନ । ନିଜର କ□ବ୍ୟବୋଧତା ତଥା ସାମାଜିକ ବ୍ୟାବହାରିକ ମନ୍ତବ୍ୟ ହେଉକି ଆଚରଣଗୁଡିକ ମାନବୀୟ ଢଙ୍ଗରେ କରିବା ସଚେତନ ଜ୍ଞାନ ଅନ୍ତର୍ଭୁକ୍ତ ହୋଇଥାଏ । କୌଣସି ବିଷୟର ଆଧାର, ଆଦି, ଅନ୍ତ ନବୁଝି ସେଗୁଡିକୁ ଗ୍ରହଣ କରିବା ତଥା ସମାଜରେ ପ୍ରଚାର, ପ୍ରସାର କରିବା ଜଣେ ଅଜ୍ଞାନର ପରିଭାଷା ମାତ୍ର । ସଚେତନ ସବୁବେଳେ ନିଜର ଜୀବନଚର୍ଯ୍ୟାକୁ ସନ୍ତୁଳିତ କରି ମାନବୀୟ ଆଚରଣ କରିଥା’ନ୍ତି । ସଚେତନ ମଣିଷ ଷଡ଼ରିପୁଗୁଡିକୁ ମନମାନସରେ ଆନ୍ଦୋଳିତ କରି ଭାରସାମ୍ୟ ରକ୍ଷାକରିବାରେ ସମର୍ଥ ହୋଇଥା’ନ୍ତି । ସ୍ଥଳବିଶେଷକୁ ନେଇ କାର୍ଯ୍ୟ କରିବା ତଥା ନିଜର ମନ୍ତବ୍ୟ ପ୍ରଦାନ କରିବା ସଚେତନ ମଣିଷର ସର୍ବାଦୌ ଲକ୍ଷ୍ୟ ରହିଥାଏ । ଅଭିଳାଷା ତଥା ଆକୃଷ୍ଟତାଭାବ ହେତୁ କୌଣସି ସାମାଜିକ ବ୍ୟତିକ୍ରମ କରିବାରେ ସବୁବେଳେ କୁଣ୍ଠା ପ୍ରକାଶ କରିଥା’ନ୍ତି ସଚେତନ । ବ୍ୟକ୍ତିଗତ ସ୍ୱାର୍ଥଜନିତ ସାମାଜିକ କ୍ଳେଶକୁ ସହଜରେ ଗ୍ରହଣ କରିନଥା’ନ୍ତି ସଚେତନ । କହିବାକୁ ଗଲେ ସଚେତନ ମଣିଷ ପ୍ରାୟତଃ ମାନବୀୟ ଚରିତ୍ର ପ୍ରବାହ ପୂର୍ବକ ସାମାଜିକ ମଙ୍ଗଳ ଉଦ୍ଦେଶ୍ୟରେ କାର୍ଯ୍ୟ କରିବା ପାଇଁ ସବୁବେଳେ ପ୍ରୟାସରତ ରହିଥା’ନ୍ତି ।

ସଚେତନ ଜ୍ଞାନର ସଂଜ୍ଞାକୁ ବୁଝିବା ମଣିଷଙ୍କ ସଂଖ୍ୟା ଆଜି ସମୟରେ ଅତ୍ୟନ୍ତ କମ୍ । ସଚେତନ ଜ୍ଞାନ ବିତରଣ କରାଯିବା ଭଳି କୌଣସି ସାମାଜିକ ପ୍ରଚାର ପ୍ରସାର ଆଉ ଦେଖିବାକୁ ମିଳୁନାହିଁ ଆଜି ସମୟରେ ଆମ ସମାଜରେ । କେବଳ ଜଣେ ଅନ୍ୟକୁ ଠକି ନିଜସ୍ୱ ସ୍ୱାର୍ଥ ହାସଲ କରିବାରେ ବ୍ୟସ୍ତ ସମସ୍ତେ । ସେମାନେ ବୁଝିପାରନ୍ତି ନାହିଁ ଯେ ସମସ୍ତେ ଅନ୍ୟକୁ ଠକିବା ଏବଂ କେହି କାହାକୁ ନ ଠକିବା ବିଷୟ ଏକାଭଳି । କିନ୍ତୁ ଅନ୍ୟକୁ ଠକି ଯେତିକି ଆନନ୍ଦ ଉପଲବ୍ଧ ହୋଇପାରିବ, ଯଦି କେହି କାହାକୁ ନ ଠକି ଭ୍ରାତୃଭାବରେ ବଂଚିବା ଶିକ୍ଷା କରିବା, ତାହାଠାରୁ ଅତ୍ୟଧିକ ଆନନ୍ଦିତ କରିପାରିବା ସମସ୍ତଙ୍କୁ । କେବଳ ସଚେତନ ଜ୍ଞାନର ଅଭାବଜନିତ ଅଭାବନୀୟତା ଏହି ଠକ ସମାଜର । ତେଣୁ ସମସ୍ତଙ୍କୁ ସଚେତନ କରି ସମାଜରେ ଭ୍ରାତୃଭାବ ବିତରଣ କରାଗଲେ ଏକ ଶାନ୍ତିପୂର୍ଣ୍ଣ ବାତାବରଣ ସୃଷ୍ଟି ହୋଇପାରିବ । ସାଧାରଣ ନିର୍ବୋଧଙ୍କୁ ସଚେତନ କରିବା କିଂଚିତ କଷ୍ଟକର ହେଲେ ମଧ୍ୟ ଅସମ୍ଭବ ନୁହେଁ । କିନ୍ତୁ ସାମାଜିକ ପରିବ□ନ ଉଦ୍ଦେଶ୍ୟରେ ସମସ୍ତ ମଣିଷଙ୍କୁ ସଚେତନ କରିବା ଲକ୍ଷ୍ୟ ରଖାଗଲେ ହୁଏତ କେତେଦିନ ପରେ ସମସ୍ତ ମଣିଷ ସଚେତନ ହୋଇ ଏକ ସୁନ୍ଦର ସଭ୍ୟ ସମାଜ ଗଠନରେ ସହଯୋଗୀ ହୋଇପାରିବେ, ଯାହା କେହି କରୁନାହାନ୍ତି । ଅଧିକନ୍ତୁ ସାମାଜିକ ବ୍ୟବସ୍ଥା ମଧ୍ୟ ତାହାର ପରିପନ୍ଥୀ ହେଉ ନ ଥିବା ଅତ୍ୟନ୍ତ ଦୁଃଖଦ ପରିସ୍ଥିତି ଦେଖିବାକୁ ମିଳୁଛି ଆଜି ସମୟରେ ।

ବାସ୍ତବରେ ଆମେ ସମସ୍ତେ କ’ଣ ଏକ ରୁଗ୍ଣ ମାନସିକତାପ୍ରବଣ ହୋଇ ରହିଛେ ଆମ ସମାଜରେ ?! ଟିକେହେଲେ କାହାରି ସଚେତନତା ନାହିଁ ସମାଜକୁ ସୁଧାରିବା ପାଇଁ ?!! ସମସ୍ତେ କ’ଣ ଏକ ପରିସ୍ଥିତି, ପରିବେଶରେ ଜନ୍ମ ହୋଇ ଅମାନୁଷିକ ଆଚରଣ କରୁଛେ ?!! ଏମିତି ଅନେକ ପ୍ରଶ୍ନ ଉଠାନ୍ତେ ଉ□ର ମିଳୁଛି ନା’!! ଏହା ନିଶ୍ଚିତ ଯେ ଆମେ ସମସ୍ତେ ଏକ ରୁଗ୍ଣ ସାମାଜିକ ବ୍ୟବସ୍ଥା ମଧ୍ୟରେ ବଂଚୁଛେ ! କିନ୍ତୁ ତାହାର ଅର୍ଥ ନୁହେଁ ସମସ୍ତେ ରୁଗ୍ଣ, ଅସଚେତନ ମଣିଷ! ନିଶ୍ଚିତ ଭାବେ କେତେକ ଅସଚେତନ, ରୁଗ୍ଣ ମାନସିକତାପ୍ରବଣ ମଣିଷ ସମଗ୍ର ସମାଜକୁ ରୁଗ୍ଣ କରି ରଖିବାରେ ସଫଳ ହୋଇ ଅମାନବୀୟ ଚରିତ୍ର ପ୍ରବାହ କରୁଛନ୍ତି । ସେମାନଙ୍କ ସେହି ଅମାନବୀୟ ଭାବଧାରା ତଥା ସାମାଜିକ କୁପ୍ରଭାବରେ ସଚେତନ ମଧ୍ୟ ରୁଗ୍ଣ ଅବସ୍ଥାରେ ବଂଚୁଥିବା ଜାଣିହେବ ଲକ୍ଷ୍ୟ କଲେ । କିନ୍ତୁ ପରିସ୍ଥିତି ପରିବେଶ ହୁଏତ ଏମିତି ହୋଇଯାଇଛି କି ସଚେତନ ଚେଷ୍ଟା କଲେ ମଧ୍ୟ ସାଧାରଣ ଲୋକଙ୍କୁ ତଥା ସମାଜକୁ ସୁଧାରିବା ଭଳି ପରିସ୍ଥିତି ନାହିଁ ଆମ ସମାଜରେ । ତେଣୁ ସମସ୍ତେ ଆଜି ଅସନ୍ତୁଳିତ ଅବସ୍ଥାରେ ବଂଚୁଥିବା ଦେଖିବାକୁ ମିଳୁଛି ।

ସାମାଜିକ ସ୍ଥିତିକୁ ସୁଦୃଢ଼ କରି ଉ□ରୋ□ର ଉନ୍ନତି କରିବା ଲକ୍ଷ୍ୟ ରଖାଗଲେ ସମାଜର ସବୁ ବର୍ଗର ମଣିଷମାନଙ୍କୁ ସଚେତନ କରାଯିବା ତଥା ସମସ୍ତଙ୍କ ମାନବିକ ଚେତନା ଜ୍ଞାନ ଜାଗରିତ କରାଯିବା ଏକାନ୍ତ ଆବଶ୍ୟକ । ଚେତନା ଜ୍ଞାନ କୌଣସି ବସ୍ତୁ କିମ୍ବା ପଦାର୍ଥ ନୁହେଁ ଯାହା ପ୍ରସ୍ତୁତ କରି ସମସ୍ତଙ୍କୁ ବଣ୍ଟାଯାଇପାରିବ ! ଚେତନା ଜ୍ଞାନ ବଜାରରେ ଉପଲବ୍ଧ କୌଣସି ମୂଲ୍ୟଯୁକ୍ତ ଜିନିଷ ନୁହେଁ, ଯାହାକୁ କିଣି ବ୍ୟବହାର କରାଯାଇପାରିବ ! ଚେତନା ଜ୍ଞାନ ଏକ ମାନସିକ ସ୍ଥିତପ୍ରଜ୍ଞ ଅବସ୍ଥା ଯାହାଦ୍ୱାରା ମଣିଷ ନିଜର ସ୍ଥିତି ତଥା ସାମାଜିକ ବିକଳ୍ପଗୁଡିକର ମୂଲ୍ୟାୟନ କରି ନିଜକୁ ତଥା ସମାଜକୁ କିଛି ପ୍ରଦାନ କରିପାରିବ । ଚେତନା ଜ୍ଞାନ ଏକ ସ୍ଥିର ମାନସିକ ଅନୁଧ୍ୟାନ, ଯଦ୍ଦ୍ୱାରା ମନୁଷ୍ୟ ସତ୍ୟ, ଅସତ୍ୟ, କ□ବ୍ୟ, ଅକ□ବ୍ୟ, ମାନବୀୟ, ଅମାନବୀୟ, ପ୍ରାକୃତିକ, କୃତ୍ରିମ ଇତ୍ୟାଦି ବିଷୟଗୁଡିକର ସମୀକ୍ଷାପୂର୍ବକ ସେଗୁଡିକୁ ଉପଯୁକ୍ତ ମାର୍ଗରେ ପରିଚାଳିତ କରି ଗ୍ରହଣ, ଅଗ୍ରହଣୀୟ କରିବା ଶିକ୍ଷା ପାଇପାରିବ । ସଚେତନ ଜ୍ଞାନଯୁକ୍ତ ମଣିଷ ମସ୍ତିଷ୍କ ସବୁବେଳେ ସ୍ଥିରଚି□ରେ କାର୍ଯ୍ୟ କରିଥାଏ । ସଚେତନ ମଣିଷଙ୍କ ଆଚରଣ ସବୁବେଳେ ସାମୂହିକ ଚେତନାଯୁକ୍ତ ହୋଇଥାଏ । ପ୍ରେମମୟ ଚେତନା ସଚେତନ ମଣିଷର ସର୍ବାଦୌ ବିଚାର ରହିଥାଏ । କ୍ରୋଧ, ଅସ୍ଥିରତା, ମାନସିକ ଯନ୍ତ୍ରଣା, ଲାଳସା ଭଳି ଅନେକ ଦୁଶ୍ଚରିତ୍ରଠାରୁ ଅନେକ ଦୂରରେ ରହିଥା’ନ୍ତି ସଚେତନ । ଚେତନା ଜ୍ଞାନ ଏକ ପ୍ରାକୃତିକ ପ୍ରତିକ୍ରିୟାଜନିତ ମାନସିକ ପରିବ□ିତ ବିଚାରଧାରା ଯାହା ମଣିଷକୁ ସଂସାରର ସମସ୍ତ ଦୁଃଖ, କଷ୍ଟରୁ ଅଚିରେ ରକ୍ଷାକରିବାରେ ସାହାଯ୍ୟ କରିଥାଏ । ସଚେତନ କେବେ ବିପଦେ କାତର, ସମ୍ପଦେ ଅଧିର ହୁଅନ୍ତି ନାହିଁ, ଯାହା ସାଧାରଣ ମଣିଷଙ୍କ ଏକ ସାଧାରଣ ଚରିତ୍ର ଭଳି ଦେଖିବାକୁ ମିଳେ ସମାଜରେ । ଅର୍ଥାତ ସଚେତନ ସବୁବେଳେ ସ୍ଥିତପ୍ରଜ୍ଞ ଏବଂ ଏକ ସମାନ୍ତରାଳ ଜୀବନଯାପନ କରିବାରେ ସିଦ୍ଧହସ୍ତ ହୋଇଥା’ନ୍ତି ।

ସଚେତନ ଜ୍ଞାନ ଆହରଣ କରି ତାକୁ ଚରିତାର୍ଥ କରିବା ଭଳି ସାମାଜିକ ସ୍ଥିତି ବ□ମାନ ନାହିଁ ଆମ ସମାଜରେ । କାରଣ କ୍ରୁର ଚକ୍ରାନ୍ତକାରୀ ବ୍ୟବସାୟିକ ଗୋଷ୍ଠୀ ସମାଜକୁ ଏତେ ଅସ୍ଥିରପ୍ରବଣ କରି ରଖିଛନ୍ତି ଯେ ସମସ୍ତେ କେବଳ ସମୟଧାରାରେ ନିଜକୁ ପ୍ରବାହିତ ନକଲେ ବଂଚିବାର ରାହା ନାହିଁ ବୋଲି ଭାବୁଛନ୍ତି; ଯାହା ସବୁ ଏକ ପ୍ରହେଳିକା ମାତ୍ର । କାରଣ ଏହି ଅସ୍ଥିରପ୍ରବଣ ସାମାଜିକ ସ୍ଥିତିଠାରୁ ନିଜକୁ ଦୂରେଇ ରଖି ବଂଚିବା କୌଣସି ଅସମ୍ଭବ କଥା ନୁହେଁ । କିମ୍ବା ସେମାନଙ୍କ ଅସ୍ଥିରପ୍ରବଣ ବକ୍ତବ୍ୟଗୁଡିକୁ ଭୃକ୍ଷେପ ନକରି ପ୍ରାକୃତିକ ଉପାୟରେ ବଂଚିବା ପାଇଁ ଚେଷ୍ଟା କଲେ କୌଣସି ବିପଦ ମାଡି ଆସିବା ସମ୍ଭାବନା ଆଦୌ ନାହିଁ । ଏହା କେବଳ ଆମ ଅସଚେତନତାର ସୁଯୋଗ ନେଇ ସେମାନେ ଆମକୁ ଏମିତି ଅସ୍ଥିରପ୍ରବଣ କରି ନିଜସ୍ୱ ସ୍ୱାର୍ଥ ହାସଲ କରିବା ଛଡା ସାଧାରଣ ଲୋକଙ୍କ କୌଣସି ସେମିତି ଉନ୍ନତି ସାଧିତ ହେଉନାହିଁ କି ହେବନାହିଁ । ଅର୍ଥାତ ଏହି ଅସ୍ଥିରପ୍ରବଣ ସାମାଜିକ ବିଭୀଷିକାରୁ ନିଜକୁ ମୁକୁଳିତ କରି ସ୍ଥିରଚି□ରେ ନିରୀକ୍ଷଣ, ଅନୁଧ୍ୟାନ କରି ନିଜର ଚେତନା ଜ୍ଞାନକୁ ଜାଗ୍ରତ କରିପାରିଲେ ଉପସ୍ଥିତ ସମୟର ପ୍ରହେଳିକାଗୁଡିକୁ ଭେଦ କରିପାରିବ ଏବଂ ନିଜ ଜୀବନକୁ ଶାନ୍ତ ସରଳ କରିପାରିବ ! ଚେତନା ଜ୍ଞାନ ଜାଗ୍ରତ କରିବା କୌଣସି ଜଟିଳ, ଅସମ୍ଭବ ବିଷୟ ନୁହେଁ । ବରଂ ନିଜର ଯଥେଷ୍ଟ ଇଚ୍ଛାଶକ୍ତି ସହିତ ସ୍ଥିରଚି□ ଭାବଧାରା ଜାଗ୍ରତ କରି ନିଜକୁ ସନ୍ତୁଳିତ ଅବସ୍ଥାରେ ରଖି ସମୟସାପେକ୍ଷ ଯଥାକାର୍ଯ୍ୟ କରିବା ଦ୍ୱାରା ସମସ୍ତେ ସଚେତନ ହୋଇପାରିବେ । ଏବଂ ନିଜ ପରିବାର ସହିତ ରାଷ୍ଟ୍ରର ଉନ୍ନତି ସାଧନ ଦିଗରେ ନିଜକୁ ନିୟୋଜିତ କରିପାରିବେ ବୋଲି ଆମ ବିଚାରରେ ଆପଣଙ୍କ ଅନୁଭୂତି କିମ୍ବା ସଂଶୟ ବ୍ୟାଖ୍ୟା କରିବେ ବୋଲି ଆଶା... !

**ପଙ୍କଜ କୁମାର ପାଣିଗ୍ରାହୀ**, ସୋସିଆଲ ଫୋରମ (ଭାରତ), ଛତ୍ରପୁର, ଗଞ୍ଜାମ, ଦୂରଭାଷ: ୯୪୩୭୩୨୪୯୧୭



# ସମ୍ବିଧାନ ବନାମ୍ ଗଣତନ୍ତ୍ର !

ମାୟାଧର ନାୟକ



*ଏ ଦେଶର କିଏ କଲା ଏଭଳି ଦଶା ? ଏ ଦେଶକୁ କିଏ କଲା ଏଭଳି ଦୁର୍ଭାଗା ? ରକ୍ତବିନ୍ଦୁର ବିନିମୟରେ ଆମେ ହାସଲ କରିଥିଲୁ ଯେଉଁ ହକ୍, ସ୍ୱାଧୀନତା, ତା’ର ପରିଣତି କ’ଣ ଏଇ ? ଦୁଇଶ’ ବର୍ଷ ବିଦେଶୀ ପାଖରେ ଗୋଲାମୀ କଲୁ, ୭୭ ବର୍ଷ ଦେଶୀ ଶୋଷକ-ଶାସକ ପାଖରେ ବନ୍ଧା ପକାଇଲୁ ଆପଣାର, ଭାଗ୍ୟ ଭବିତବ୍ୟ । ଦୁଇଶ’ ବର୍ଷର ଦାସତ୍ୱକୁ କିନ୍ତୁ ବଳିଗଲା ଏଇ ୭୭ ବର୍ଷର ପ୍ରତାରଣା । ନକଲି ନେତୃତ୍ୱ ଏବଂ ଶଠ ଶେଠମାନଙ୍କର ଚତୁର ଚକ୍ରବ୍ୟୂହ ମଧ୍ୟରେ ବଂଚିବାର ବାଟ ଭୁଲିଗଲା ଭାରତର ଜନତା । ହାଣ ମୁହଁକୁ ମୁହାଇଁ ଚାଲିଥିବା ଆମର ଏ ଯୁଗ ଯୁଗର ଐତିହ୍ୟମୟ ଦେଶ ଓ ସମାଜ ଜୀବନକୁ କ’ଣ ଧ୍ୱଂସ ହେବାପାଇଁ ଆମେ ଛାଡିଦେବା ? ଗୋଟାଏ କୁରୁକ୍ଷେତ୍ରରେ ଦିନେ ନିଶ୍ଚିହ୍ନ ହୋଇଯାଇଥିଲା ମହାଭାରତ ! ଆଜି ଆମ ସାମ୍ନାରେ ଶହ ଶହ କୁରୁକ୍ଷେତ୍ର...ଆମର ଏ ମହାନ୍ ଭାରତକୁ କ’ଣ ଆମେ ଆଜି ବଳି ପକାଇଦେବା ତା’ ଭିତରେ ?*

ଆମ ସମ୍ବିଧାନରେ ଲେଖାଅଛି – ଜାତି ଧର୍ମ ବର୍ଣ୍ଣ ନିର୍ବିଶେଷରେ ଭାରତ ଏକ ସାର୍ବଭୌମ ଗଣତାନ୍ତ୍ରିକ ରାଷ୍ଟ୍ର । ଆମ ରାଜନେତାମାନେ କେହି ସମ୍ବିଧାନକୁ ମାନୁନାହାଁନ୍ତି – ସେମାନେ ଜାତି ନାଁରେ ଧର୍ମ ନାଁରେ ବର୍ଣ୍ଣ, ଆଂଚଳିକତା ନାଁରେ ରାଜନୀତି କରୁଛନ୍ତି । ଆମ ସମ୍ବିଧାନ ଯେତେ ଚାଲିଛି ମୋଟା ହୋଇ – ଗଣତନ୍ତ୍ର ସେତେ ଗଡୁଛି ଛୋଟା ହୋଇ ।

ସ୍ୱାଧୀନତା ସଂଗ୍ରାମ ସମୟରେ ଯେଉଁମାନେ ଏକ ସୁନ୍ଦର ସମୃଦ୍ଧ ଭାରତବର୍ଷର ସ୍ୱର୍ଣ୍ଣାଭ ସ୍ୱପ୍ନ ଦେଖିଥିଲେ, ଏକ ଅନନ୍ୟ ଭବିଷ୍ୟତର ରଙ୍ଗୀନ ଆଲେଖ୍ୟ ଆଙ୍କିଥିଲେ, କଳ୍ପନା କରିଥିଲେ, ଏକ ମୁକ୍ତ ମହାନ ରାଷ୍ଟ୍ରଭୂମିର – ସେମାନଙ୍କର ସେ ଆଶା ମିଳେଇ ଯାଇଛି ପାଣି ଫୋଟକା ପରି । ଭାଙ୍ଗିଯାଇଛି ଭରସାର ବତୀଘର ସବୁ । ଆଜି ଦୁର୍ନୀତିର ଦଂଶନରେ ଭାରତବର୍ଷ ଜର୍ଜରିତ – ଜାଲିଆତିର ଜାଲରେ ଜନଗଣ ଛଟପଟ – ସମ୍ପୂର୍ଣ୍ଣ ଅଣନିଶ୍ୱାସୀ ।

କିନ୍ତୁ... ଭାରତବର୍ଷ ନୁହେଁ, ଗୋଟାଏ ବିକଳ ଭଗ୍ନସ୍ତୂପ - ଏ ଦେଶ ! ପାଣି ପବନରେ ବିଷ । ପରିବେଶରେ ପାଉଁଶ । ସବୁଠି ଅଙ୍ଗାର । ସବୁଠି ଅନ୍ଧାର । ଅତୀତକୁ ନେଇ ଅନ୍ତଃହୀନ ଆସ୍ଫାଳନ, ଅଥଚ ଏ ଦେଶର ବର୍ତ୍ତମାନଟା କି ବିକୃତ, କି ବିଭତ୍ସ କି ବିକଳାଙ୍ଗ ! ବିଶାଳ ବିରୋଧାଭାସଟାଏ ଏ ଦେଶ... ଯାହାକୁ ଆମେ ଭାରତବର୍ଷ କହିଲେ ଉପହାସ କରିବ ଇତିହାସ – ଲଜ୍ଜା ଆଉ ସଂକୋଚରେ ମୁହଁ ଘୋଡେଇବେ ଆମ ପୂର୍ବପୁରୁଷ ।

ଆଜିର ନାୟକହୀନ ରାଜନୀତି ଉତ୍କଟ ଉପଦଂଶ ପରି ଆକ୍ରାନ୍ତ କରିସାରିଛି ଆମର ଏ ଦୁର୍ଭାଗା ଦେଶକୁ । ନେତୃତ୍ୱର ସଂକଟ ସହିତ ମୂଲ୍ୟବୋଧର ମୃତ୍ୟୁ ଆଜି ଭାରତୀୟ ରାଜନୀତିକୁ ପରିଣତ କରିଛି କେବଳ– କଂସେଇମାନଙ୍କ କାରଖାନାରେ । ସେଥିପାଇଁ ବର୍ତ୍ତମାନର ରାଜନୀତି କ୍ଷେତ୍ରରେ ଶୋଷକବର୍ଗ ହିଁ ସାଜିଛନ୍ତି ଶାସକଶ୍ରେଣୀ ! ଦୁର୍ବୃତ୍ତମାନେ ହିଁ ପାଲଟିଛନ୍ତି ଦ୍ୱାରପାଳ ! ମାଫିଆ ହୋଇଛି ମୁଖିଆ । ଗୁଣ୍ଡା ବନିଛି ପଣ୍ଡା – ମେଣ୍ଢା ପାଲିଟିଛି ଭେଣ୍ଡା – ଜିରୋ ହୋଇଛି ହିରୋ ।

ଘାତକମାନଙ୍କ ଆଖିରେ ଲୋତକ ଦେଖି ଭୂଆଁ ବୁଲୁଚି ଭାରତୀୟ ଜନତା ସ୍ୱର୍ଣ୍ଣ କଙ୍କଣଧାରୀ ବୃଦ୍ଧ ବ୍ୟାଘ୍ରର ବିଜ୍ଞପ୍ତି ବୈରାଗ୍ୟରେ ପ୍ରତାରିତ ହେଉଛି ଆଜିର ପ୍ରଲୁବ୍ଧ ଯୁବପିଢି । ଚଂଚକ ରାଜନୈତିକ ଚରିତ୍ର ଚଳୁ କରିବାକୁ ବସିଛି ତମାମ ଦେଶକୁ । ରାଜନୈତିକ ଦୁର୍ନୀତି ଓ ଭ୍ରଷ୍ଟାଚାର ସହିତ ଅର୍ଥନୈତିକ ଶୋଷଣର ଗଢିଉଠିଛି ଗୋଟାଏ ଗୋପନ ସମ୍ପର୍କ । ଭିନ୍ନ ଭିନ୍ନ ନାମ ଓ ଦଳର ଗୋଟାଏ ଦୋକାନଦାରୀ ପାଲଟି ଯାଇଛି ସାମ୍ପ୍ରତିକ ଭ୍ରଷ୍ଟ ରାଜନୀତି । ଏକ ନାଉର ମଞ୍ଜି ସବୁ ନିଜ ନିଜ ପାଇଁ ଦଖଲ କରି ନେଇଛନ୍ତି ଭିନ୍ନ ଭିନ୍ନ କିଆରି ! ଜନସ୍ୱାର୍ଥ ନୁହେଁ ଆତ୍ମସ୍ୱାର୍ଥ ଓ ନ୍ୟସ୍ତସ୍ୱାର୍ଥ ହୋଇଉଠିଛି ସେମାନଙ୍କର ଏକମାତ୍ର ଆଭିମୁଖ୍ୟ । ସେଥିପାଇଁ ଆଜି ନେତାମୁଣ୍ଡରେ ଟୋପି, ଜନତାମଥାରେ ଥୋପି । ନେତାର ଚାଲିଛି – ବିଧାନସଭା, ରାଜ୍ୟସଭା, ଲୋକସଭା – ଜନତାର କେବଳ ଶୋକସଭା । ମୁଖପାତ୍ର ସାଜିଥିବା ମହାପାତ୍ରମାନେ ଦିନ ଦ୍ୱିପହରରେ ସବୁକିଛି ଲୁଟି ଚୁରିମାରି ନେଉଥିବା ବେଳେ ଶୂନ୍ୟ ଦୃଷ୍ଟିରେ ଆଁ କରି ଅନେଇଛି ଜକଳା ଜନତା ।

ଆଜି ମନ୍ଦିର-ମସଜିଦ୍‌କୁ ନେଇ ଝଗଡା ! ଧର୍ମ-ବିଧର୍ମକୁ ନେଇ ବିବାଦ । ସୀମା-ସନ୍ତ୍ରାସକୁ ନେଇ ତୁମ୍ବି ତୋଫାନ୍ । ରାଷ୍ଟ୍ର, ଧର୍ମ, ପତାକା, ଜାତୀୟତା ଇତ୍ୟାଦିକୁ ଆଳ କରି ସାରା ପୃଥିବୀରେ ସମ୍ପ୍ରତି ପୁଞ୍ଜିବାଦ ତା’ର ଚକ୍ରାନ୍ତରେ ଚମତ୍କାରିତା ପ୍ରଦର୍ଶନ କରିଚାଲିଛି । ମାଟିଠୁ ମଣିଷକୁ ଅଲଗା କରି ଦିଆଯାଉଛି । ଲକ୍ଷ୍ୟଠୁ ଲୋଚନାକୁ ଦୂରେଇ ରଖାଯାଉଛି, ସ୍ୱପ୍ନକୁ ସଂକଳ୍ପକୁ ହଟାଇ ନିଆଯାଉଛି । ସବୁ ସ୍ତରରେ ଲେଲିହାନ୍ ଲୋଳଜିହ୍ୱା ବିସ୍ତାର କରି ଚାଲିଛି ଅତିଷ୍ଠ ଅସନ୍ତୋଷର ଅଗ୍ନିଶିଖା । ଅଥଚ ଗଦିରେ ଘୁମେଇ ଗାଦିରେ ବସିଥିବା ଆଜିର ଶାସକଶ୍ରେଣୀ, ଖଟରେ ଶୋଇ ମଠରେ ମାମଲାତି କରୁଥିବା ଯାଜକବୃନ୍ଦ, କୁର୍ସିରେ ବସି ଆର୍ସି ଆଗରେ ଚେହେରା ସଜଉଥିବା ପ୍ରଶାସକ ବର୍ଗ ସମକାଳୀନ ସମାଜର ଏ ଉତ୍କଟ ଅସୁସ୍ଥତା ପ୍ରତି ଏକାନ୍ତ ଉଦାସୀନ ।

ଆମେ ଲୁଟେରାମାନଙ୍କ ହାତମୁଠାରେ ଲଟେରୀ ଟିକେଟ୍‌ଟାଏ କରି ବଢେଇ ଦେଇଛୁ ଆମର ଏ ପ୍ରିୟ ଭାରତବର୍ଷକୁ । କଂସେଇମାନଙ୍କୁ କରିଛୁ କର୍ଣ୍ଣଧାର । ପଲ୍ଲୀରୁ ଦିଲ୍ଲୀ ପର୍ଯ୍ୟନ୍ତ - କ୍ଷୁଧିତ ରାଜନୀତି ବିସ୍ତାର କରି ସାରିଛି ତାର ଭୟଙ୍କର ଫଣା । ଜଘନ୍ୟ ଜନଜହ୍ଲାଦମାନଙ୍କ ପ୍ରଚଣ୍ଡ ଫୁତ୍‌କାର ଭିତରେ ମିଳେଇ ଯାଉଛି ପ୍ରବଂଚିତ ଜନଗଣଙ୍କ ଛିନ୍ନଭିନ୍ନ ଚିତ୍କାର ! ବାପ ଯାଉଛି ଦାଦନକୁ, ମା’ ଗୋଟୋଉଛି ଗୋବର, ପିଲାବିକ୍ରି ହେଉଛି ବିଚ୍ ବଜାରରେ ! ଅଥଚ ମୋଟା ସମ୍ବିଧାନର ବୋଝ ମୁଣ୍ଡେଇ ଛୋଟା ଗଣତନ୍ତ୍ର ବାଟସାରା କେବଳ ବାଂଟିଚାଲିଛି ଫମ୍ପା ପ୍ରତିଶ୍ରୁତିର ପାମ୍ଫରା ପାମ୍ଫଲେଟ୍ ।

ଏ ଦେଶର କିଏ କଲା ଏଭଳି ଦଶା ? ଏ ଦେଶକୁ କିଏ କଲା ଏଭଳି ଦୁର୍ଭାଗା ? ରକ୍ତବିନ୍ଦୁର ବିନିମୟରେ ଆମେ ହାସଲ କରିଥିଲୁ ଯେଉଁ ହକ୍, ସ୍ୱାଧୀନତା, ତା’ର ପରିଣତି କ’ଣ ଏଇ ? ଦୁଇଶ’ ବର୍ଷ ବିଦେଶୀ ପାଖରେ ଗୋଲାମୀ କଲୁ, ୭୭ ବର୍ଷ ଦେଶୀ ଶୋଷକ-ଶାସକ ପାଖରେ ବନ୍ଧା ପକାଇଲୁ ଆପଣାର, ଭାଗ୍ୟ ଭବିତବ୍ୟ । ଦୁଇଶ’ ବର୍ଷର ଦାସତ୍ୱକୁ କିନ୍ତୁ ବଳିଗଲା ଏଇ ୭୭ ବର୍ଷର ପ୍ରତାରଣା । ନକଲି ନେତୃତ୍ୱ ଏବଂ ଶଠ ଶେଠମାନଙ୍କର ଚତୁର ଚକ୍ରବ୍ୟୂହ ମଧ୍ୟରେ ବଂଚିବାର ବାଟ ଭୁଲିଗଲା ଭାରତର ଜନତା ।

ହାଣ ମୁହଁକୁ ମୁହାଇଁ ଚାଲିଥିବା ଆମର ଏ ଯୁଗ ଯୁଗର ଐତିହ୍ୟମୟ ଦେଶ ଓ ସମାଜ ଜୀବନକୁ କ’ଣ ଧ୍ୱଂସ ହେବାପାଇଁ ଆମେ ଛାଡିଦେବା ? ଗୋଟାଏ କୁରୁକ୍ଷେତ୍ରରେ ଦିନେ ନିଶ୍ଚିହ୍ନ ହୋଇଯାଇଥିଲା ମହାଭାରତ ! ଆଜି ଆମ ସାମ୍ନାରେ ଶହ ଶହ କୁରୁକ୍ଷେତ୍ର... ଆମର ଏ ମହାନ୍ ଭାରତକୁ କ’ଣ ଆମେ ଆଜି ବଳି ପକାଇଦେବା ତା’ ଭିତରେ ?

ବର୍ତ୍ତମାନର ଭସ୍ମୀଭୂତ ଭାରତବର୍ଷ ଓ ସଂତ୍ରସ୍ତ ସମାଜ ବ୍ୟବସ୍ଥା ପାଇଁ ପରିତ୍ରାଣର ପନ୍ଥା ଖୋଜା ଚାଲିଛି ବିଭିନ୍ନ ସ୍ତରରେ । ଭସ୍ମସ୍ତୂପ ମଧ୍ୟରୁ ଭବିଷ୍ୟତକୁ ଉଦ୍ଧାର କରିବା ଏବଂ ଭଗ୍ନସ୍ତୂପ ମଧ୍ୟରୁ ଜନଜୀବନକୁ ରକ୍ଷା କରିବା ନିମନ୍ତେ ଆଜି ଯେଉଁ ଅଙ୍ଗୀକାରବଦ୍ଧ ଆନ୍ଦୋଳନ ଓ ଗଣସଂଗ୍ରାମର ଏକାନ୍ତ ପ୍ରୟୋଜନ, ସେଥିନିମନ୍ତେ ଆମ ସମସ୍ତଙ୍କର ସମ୍ମିଳିତ ସଂକଳ୍ପ ଅପରିହାର୍ଯ୍ୟ ।

ଆଜି ସମୟ ଆସିଛି, ଆମକୁ ବାଛି ନେବାକୁ ପଡିବ ଆମର ଗତି କେଉଁ ଦିଗକୁ - ପଛକୁ ନା ଆଗକୁ । ଏବେ ଆରମ୍ଭ ହେଉ ଆଉ ଏକ ଆଜାଦୀର ଅଭିଯାନ, ଆଉ ଏକ ଅଦମ୍ୟ ସଂଗ୍ରାମର ଅତନ୍ଦ୍ର ଅଭିଯାତ୍ରା ପ୍ରବଚିଂତ ଭାରତବର୍ଷର ଚିର ଉପେକ୍ଷିତ ଭୂମି ଏହି ଦୁଃଖିନୀ ଓଡିଶା ବୁକୁରେ ହିଁ ସୁରୁହେଉ ଏହି ଗୁରୁଦାୟିତ୍ୱ ନିର୍ବାହର ଆଦ୍ୟ ଅଙ୍ଗୀକାର । ଭବିଷ୍ୟତର ମହାମୁକ୍ତି ସଂଗ୍ରାମର ପ୍ରକୃତ କୁରୁକ୍ଷେତ୍ର ହେଉ ଆମର ଏ ଅବହେଳିତ ଭୂମି । ଦାରିଦ୍ର୍ୟ, ଦୁଃସ୍ଥିତି, ଦୁର୍ନୀତି, ଭ୍ରଷ୍ଟାଚାର, ଅପସଂସ୍କୃତି, ଗୁଣ୍ଡାଗର୍ଦ୍ଦୀ– ସବୁକିଛି ବିଡମ୍ବନା ବିରୋଧରେ ଯୁଦ୍ଧ ଘୋଷଣା କରୁ ଓଡିଶାର ତପ୍ତ ତାରୁଣ୍ୟ ! ବାର୍ଦ୍ଧକ୍ୟ ବୈରାଗ୍ୟ ଓ ବ୍ୟାଧିମୁକ୍ତ ଭାରତବର୍ଷ ପାଇଁ ଏଇଠୁ ହିଁ ଆରମ୍ଭ ହେଉ ତରୁଣ ଓଡିଶାର ଉତ୍ସର୍ଗୀକୃତ ଅଗ୍ନିତପସ୍ୟା । ଆମକୁ ଆଜି ଶିରସ୍ତ୍ରାଣ ପିନ୍ଧି ହାତରେ ଧରିବାକୁ ପଡିବ ଗଣସଂଗ୍ରାମର ଅମୋଘ ଅସ୍ତ୍ର । ସତ୍ ମନର ସ୍ୱପ୍ନ ଯଦି ସଂକଳ୍ପରେ ପରିଣତ ହୁଏ, ତେବେ ନିଶ୍ଚିତ ଭାବରେ ସାର୍ଥକ ହେବ ଆମର ଆଗାମୀ ସମାଜର ସର୍ଜନା ଓ ସଂରଚନା ।

*–ଯାଜପୁର ରୋଡ, ଯାଜପୁର*
*ମୋ : ୯୮୬୧୦୩୪୧୬୩*

# ଯୋଗଜନ୍ମା ମହାରାଜା କୃଷ୍ଣଚନ୍ଦ୍ର ଗଜପତି

ହିମାଂଶୁଶେଖର ଆଚାର୍ଯ୍ୟ





ଊନବିଂଶ ଶତାବ୍ଦୀର ଶେଷ ଭାଗରେ ଯେଉଁ କତିପୟ ଯୋଗଜନ୍ମା ଉତ୍କଳ ଜନନୀର କୋଳମଣ୍ଡନ କରି ସେମାନଙ୍କ କୃତି ଓ କୀ□ ବଳରେ ନିଜପାଇଁ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଯାଇଛନ୍ତି ସେମାନଙ୍କ ମଧ୍ୟରେ ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ ହେଉଛନ୍ତି ଅଗ୍ରଗଣ୍ୟ । ଏକାଧାରରେ ସେ ଥିଲେ ଜଣେ ସୁଯୋଗ୍ୟ ଶାସକ, ଜାତିପ୍ରାଣ, ଦକ୍ଷ ପ୍ରଶାସକ, ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ଅନନ୍ୟ ବିନ୍ଧାଣି ସର୍ବୋପରି ଓଡ଼ିଶାର ପ୍ରଥମ ପ୍ରଧାନମନ୍ତ୍ରୀ । ଯଥାର୍ଥରେ ସେ ଥିଲେ “ପାରଳାର ପାରିଲା ମହାରାଜା ।” ପ୍ରକୃତରେ ରାଜା କହିଲେ ଯାହା ବୁଝାଇଥାଏ ତାହା ସ୍ପଷ୍ଟ ବାରି ହୋଇପଡୁଥିଲା ତାଙ୍କ ଚେହେରାରୁ, ଭାବଗାମ୍ଭୀର୍ଯ୍ୟରୁ ଏବଂ କାର୍ଯ୍ୟକଳାପରୁ । ସେଥିପାଇଁ ଡକ୍ଟର ହରେକୃଷ୍ଣ ମହତାବ କହିଥିଲେ- ରାଜା କହିଲେ ଯାହା ବୁଝାଯାଉଥିଲା କୃଷ୍ଣଚନ୍ଦ୍ର ଥିଲେ ତାର ପ୍ରତୀକ-ମାନ, ଗର୍ବ ସବୁଥିରେ । ଆଉ ଉତ୍କଳ ଗୌରବ ମଧୁସୂଦନଙ୍କ ଭାଷାରେ ସେ ଥିଲେ“କିଙ୍ଗ୍ ଅଫ୍ କିଙ୍ଗ୍‌ସ ।”

ଏହି ଯୋଗଜନ୍ମା ବରପୁତ୍ର ୧୮୯୨ ମସିହା ବୈଶାଖ ଅମାବାସ୍ୟା ତିଥି ଏପ୍ରିଲ ୨୬ ତାରିଖରେ ପିତା ରାଜା ଗୌରଚନ୍ଦ୍ର ଗଜପତି ଓ ମାତା ରାଧାମଣି ଦେବୀଙ୍କ କୋଳମଣ୍ଡନ କରି ପାରଳାଖେମୁଣ୍ଡିରେ ଜନ୍ମଗ୍ରହଣ କରିଥିଲେ । ନିଜଘରୁ ପ୍ରାଥମିକ ଶିକ୍ଷା ଆରମ୍ଭ କରିଥିଲେ କୃଷ୍ଣଚନ୍ଦ୍ର । ଏହି ସମୟରେ ତାଙ୍କ ଗୃହଶିକ୍ଷକ ଗଞ୍ଜାମର ପ୍ରଥମ ଗ୍ରାଜୁଏଟ୍ ଶ୍ୟାମସୁନ୍ଦର ରାଜଗୁରୁ, ସୁନାମଧନ୍ୟ ଶିକ୍ଷକ ଆପନ୍ନା ପଣ୍ଡାଙ୍କ ଜୀବନାଦର୍ଶ ଏବଂ ନିଜ ପିତା ଓ ପିତୃବ୍ୟ ପଦ୍ମନାରାୟଣ ଦେବଙ୍କ ଜାତୀୟ ପ୍ରୀତି ଓ ଦେଶପ୍ରେମ ଭାବ ତାଙ୍କ ଉପରେ ଗଭୀର ରେଖାପାତ କରିଥିଲା । ଏହାପରେ ତାଙ୍କ ପିତାଙ୍କ ଦ୍ୱାରା ସ୍ଥାପିତ ଉଚ୍ଚ ବିଦ୍ୟାଳୟରୁ ଏଣ୍ଟ୍ରାନ୍ସ ପାଶ୍ କଲାପରେ ସେ ମାନ୍ଦ୍ରାଜର ନ୍ୟୁଇଙ୍ଗଟନ୍ କଲେଜରୁ ସ୍ନା□କ ଶିକ୍ଷା ଶେଷକରି ପାରଳା ଫେରିଥିଲେ । ୧୯୧୩ ମସିହାରେ ଏପ୍ରିଲ ୧୩ ରେ ରାଜପଦରେ ଅଭିଷିକ୍ତ ହୋଇଥିଲେ ସେ, ପାରଳାର ମହାରାଜା ରୂପେ ସେତେବେଳକୁ ତାଙ୍କୁ ମାତ୍ର ୨୧ ବର୍ଷ । ମାନ୍ଦ୍ରାଜରେ ପଢିବା ବେଳେ କୃଷ୍ଣଚନ୍ଦ୍ର ସ୍ପଷ୍ଟଭାବେ ବୁଝିପାରିଥିଲେ ଓଡ଼ିଆ ଭାଷାଭାଷୀ ଅ□ଳଗୁଡିକ ଚାରିଗୋଟି ପ୍ରଦେଶରେ ରହିଥିବାରୁ ତାର ଉନ୍ନତି ହୋଇପାରୁ ନାହିଁ । ନିଜର ପୂର୍ବଜମାନଙ୍କ ପରି ସେ ସ୍ୱାଧୀନଚେତା ଓ ପ୍ରଜାନୁରଞ୍ଜନ ଥିଲେ । ପ୍ରଜାଙ୍କ ପାଇଁ ରାଜା ଏକଥା ସେ ଭଲ ଭାବେ ହୃଦୟଙ୍ଗମ କରିଥିଲେ । ତାଙ୍କର ମୂଳ ଲକ୍ଷ୍ୟ ଥିଲା ଓଡ଼ିଆ ଭାଷା ଓ ସଂସ୍କୃତି ସୁରକ୍ଷା ସହ ଓଡ଼ିଆ ଜାତିର ପ୍ରାଦେଶିକ ସ୍ୱତନ୍ତ୍ରତା । ବିଖଣ୍ଡିତ ଓଡ଼ିଶା, ଲୁପ୍ତପ୍ରାୟ ଓଡ଼ିଆ ଭାଷାର ପୁନରୁଦ୍ଧାର ପାଇଁ ଚେଷ୍ଟିତ କୁଳବୃଦ୍ଧ ମଧୁସୂଦନଙ୍କ ଆହ୍ୱାନରେ ଆକର୍ଷିତ ହେଲେ ସେ । ଓଡ଼ିଆମାନଙ୍କୁ ଏକଜୁଟ କରି ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ପାଇଁ ତାଙ୍କ ପ୍ରାଣ ଚିତ୍କାର କରିଉଠିଲା । ୧୯୧୪ ମସିହା ଡିସେମ୍ବର ୨୬ ଓ ୨୭ ତାରିଖରେ ମହାରାଜାଙ୍କ ପୃଷ୍ଠପୋଷକତାରେ ପାରଳାଖେମୁଣ୍ଡିରେ ଉତ୍କଳ ସମ୍ମିଳନୀର ଦଶମ ଅଧିବେଶନ ଅନୁଷ୍ଠିତ ହୋଇଥିଲା । ସେହି ଅଧିବେଶନରେ ଉଦ୍‌ବୋଧନ ଦେଇ ମହାରାଜା କୃଷ୍ଣଚନ୍ଦ୍ର ଦାବି କରିଥିଲେ ଯେ ଓଡିଆ ଭାଷାଭାଷୀମାନଙ୍କୁ ଏକ ଶାସନାଧୀନ କରିବା ଆମର ଲକ୍ଷ୍ୟ ନୁହେଁ ବରଂ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ଆମର ଲକ୍ଷ୍ୟ । ଏଇ କଥା ଉତ୍କଳ ପ୍ରଦେଶ ଗଠନ ଧାରାରେ ଏକ ନୂତନ ମୋଡ ସୃଷ୍ଟି କରିଥିଲା । ଏହି ସମ୍ମିଳନୀରେ କୃଷ୍ଣଚନ୍ଦ୍ରଙ୍କ କାର୍ଯ୍ୟକୁଶଳତା ଓ ଆତିଥେୟତାରେ ସମସ୍ତେ ଅଭିଭୂତ ହୋଇଯାଇଥିଲେ । ଏପରିକି ସମ୍ମିଳନୀ ପାଇଁ ମହାରାଜା ନିଜ ହାତରୁ ୧୦,୦୦୦ଟଙ୍କା ଦାନ କରିଥିଲେ । ସମ୍ମିଳନୀ ମଣ୍ଡପରେ କୁଳବୃଦ୍ଧ ମଧୁସୂଦନ କୃଷ୍ଣଚନ୍ଦ୍ର ଗଜପତିଙ୍କର ଭୁରିଭୁରି ପ୍ରଶଂସା କରିଥିଲେ ଓ କହିଥିଲେ ଯେ “ଉତ୍କଳମାତାର ମୁଖ ଦିନେ ରାଜା କୃଷ୍ଣଚନ୍ଦ୍ର ଉଜ୍ଜ୍ୱଳ କରିବେ” ।

ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନରେ ଗଜପତି କୃଷ୍ଣଚନ୍ଦ୍ରଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିଲା । ଆପଣାର ଲକ୍ଷ୍ୟ ହାସଲ ପାଇଁ ସେ ଅବିରତ ଉଦ୍ୟମ ଚଳାଇଥିଲେ ଓ ଅନ୍ୟମାନଙ୍କ ମତାମତ ପ୍ରତି ଭ୍ରୁକ୍ଷେପ କରି ନ ଥିଲେ । ସାରା ଭାରତର ଜନସାଧାରଣ ଓ କଂଗ୍ରେସ ଯେତେବେଳେ ସାଇମନ୍ କମିଶନକୁ ବିରୋଧ କରିଥିଲେ ସେତେବେଳେ ସେ ନିର୍ଭୟରେ ମାନ୍ଦ୍ରାଜ ଯାଇ ନିଜର ସାକ୍ଷ୍ୟ ପ୍ରଦାନ କରିଥିଲେ । ତିନି ତିନି ଥର ନିଜ ଖର୍ଚ୍ଚରେ ଇଂଲଣ୍ଡ ଯାଇ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ନେଇ ଦୃଢ ଦାବି ଉପସ୍ଥାପିତ କରିଥିଲେ । ୧୯୩୧ ମସିହା ପ୍ରଥମ ଗୋଲଟେବୁଲ ବୈଠକରେ ମହାରାଜା ଓଡ଼ିଆ ଭାଷାଭାଷୀ ଅ□ଳକୁ ଏକାଠି କରିବା ପ୍ରସ୍ତାବକୁ ଏପରି ଗୁରୁତ୍ୱ ଦେଇଥିଲେ ଯେ ପରିଣାମ-ସ୍ୱରୂପ ଇଂରେଜ ସରକାର ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ପାଇଁ ପ୍ରକୃତ ସମୟ ଉପସ୍ଥିତ ହୋଇ ଯାଇଥିଲା ବୋଲି ଅନୁଭବ କରିଥିଲେ । ୧୯୩୩ ମସିହା ମାର୍ଚ୍ଚ ମାସ ୧୭ ତାରିଖରେ ଓଡ଼ିଶା ପ୍ରଦେଶ ଗଠନ ସମ୍ପର୍କରେ ଶ୍ୱେତପତ୍ର ପ୍ରକାଶ ପାଇଲା । ଏଥିରେ ପାରଳାଖେମୁଣ୍ଡି ଓ ଜୟପୁରକୁ ଓଡ଼ିଶା ସହିତ ମିଶାଇବା ପାଇଁ ସୁପାରିଶ କରାଯାଇନଥିଲା । କୃଷ୍ଣଚନ୍ଦ୍ର ଗଜପତି ପୁନର୍ବାର ଇଂଲଣ୍ଡ ଗଲେ । ବହୁ ଆଲୋଚନା ପରେ ପାରଳାଖେମୁଣ୍ଡି ଓ ଜୟପୁର ଓଡିଶାରେ ମିଶିଲା । ପରିଶେଷରେ ଛଅଗୋଟି ଜିଲ୍ଲା-କଟକ, ପୁରୀ, ବାଲେଶ୍ୱର, ଗଞ୍ଜାମ, କୋରାପୁଟ ଓ ସମ୍ବଲପୁରକୁ ନେଇ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ହେଲା ୧୯୩୬ ମସିହା ଏପ୍ରିଲ ପହିଲାରେ । ଜୀବଦ୍ଦଶାରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଦେଖିବା ପାଇଁ କୃଷ୍ଣଚନ୍ଦ୍ର ଦେବଙ୍କ ସ୍ୱପ୍ନ ସାକାର ହେଲା । ମହାରାଜାଙ୍କ ଯଶଗାନ କରିବାକୁ ଓଡ଼ିଶାରେ କାର୍ଯ୍ୟ କରିଥିବା ତତ୍‌କାଳୀନ କମିଶନର ମିଃ ସି.ଏଲ୍. ଫିଲିପ୍ କହିଥିଲେ-“ଏହି ପବିତ୍ର କାର୍ଯ୍ୟରେ ମହାରାଜାଙ୍କ ଅବଦାନ ଓଡ଼ିଶା କଦାପି ଭୁଲିପାରିବ ନାହିଁ ।”

ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ଏକ ବର୍ଷପରେ ୧୯୩୭ ମସିହାରେ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ପ୍ରଧାନମନ୍ତ୍ରୀତ୍ୱରେ ଓଡିଶାରେ ପ୍ରଥମ ମନ୍ତ୍ରୀମଣ୍ଡଳ ଗଠନ କରାଯାଇଥିଲା । ପୁନଶ୍ଚ ୧୯୪୧ ମସିହାରୁ ୧୯୪୪ ପର୍ଯ୍ୟନ୍ତ ଦ୍ୱିତୀୟଥର ପାଇଁ ସେ ଏହି ପଦବୀରେ ଅଧିଷ୍ଠିତ ହୋଇଥିଲେ । ମହାରାଜାଙ୍କ ସହଯୋଗୀ ମନ୍ତ୍ରୀ ଥିଲେ ପଣ୍ଡିତ ଗୋଦାବରୀଶ ମିଶ୍ର ଓ ଅବଦୁସ୍ ଶୋଭାନ ଖାଁ । ମହାରାଜା ଚାହୁଁନଥିଲେ କ୍ଷମତାଭି□କ ରାଜନୀତି । ତାଙ୍କ ଆନ୍ତରିକ କାମନା ଥିଲା ଓଡ଼ିଶା ଓ ଓଡ଼ିଶାବାସୀଙ୍କ ଉନ୍ନତି । ତାଙ୍କରି ଉଦ୍ୟମରେ ଶିକ୍ଷାର ବିକାଶ ପାଇଁ ଭୁବନେଶ୍ୱରରେ ଉତ୍କଳ ବିଶ୍ୱବିଦ୍ୟାଳୟ, କଟକରେ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଓ ହସ୍ପିଟାଲ୍ ପ୍ରତିଷ୍ଠା ସହ କଟକର ବିଦ୍ୟାଧରପୁର ଧାନଗବେଷଣା କେନ୍ଦ୍ର ଆଦିର ପ୍ରତିଷ୍ଠାରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଅବଦାନ ଥିଲା । ସ୍ନାତକୋ□ର ଶିକ୍ଷାର ଅଭିବୃଦ୍ଧି ନିମନ୍ତେ ରେଭେନ୍ସା କଲେଜ ସଙ୍ଗେ ବ୍ରହ୍ମପୁର ଖଲିକୋଟ କଲେଜରେ ଉଚ୍ଚ ଶିକ୍ଷାର ବ୍ୟବସ୍ଥା କରାଗଲା । ଏଥିସହିତ କୃଷି ଓ ଶିଳ୍ପର ବିକାଶକୁ ଅଗ୍ରାଧିକାର ଦେଇଥିଲେ କୃଷ୍ଣଚନ୍ଦ୍ର ଗଜପତି । କେବଳ ରାଜନୀତି, ଶିଳ୍ପ, କାରିଗରି, କୃଷି ନୁହେଁ ସାହିତ୍ୟ ଓ ସଂସ୍କୃତି ପ୍ରତି ତାଙ୍କର ଗଭୀର ଅନୁରାଗ ଥିଲା । ଗୋପୀନାଥ ନନ୍ଦଙ୍କ ରଚିତ “ଶବ୍ଦତ□ ଅଭିଧାନ” ଓ ଜଗବନ୍ଧୁ ସିଂହଙ୍କ “ପ୍ରାଚୀନ ଉତ୍କଳ ଗ୍ରନ୍ଥ” ଆଦିର ପ୍ରକାଶନ ନିମନ୍ତେ ସହାୟତା କରିଥିଲେ ଗଜପତି । ଏତଦ୍‌ବ୍ୟତୀତ ବହୁ ପାନ୍ଥଶାଳା, ମନ୍ଦିର, ମଠ ଆଦି ନିର୍ମାଣ କରି ନିଜକୁ ଯଶସ୍ୱୀ କରି ଯାଇଛନ୍ତି । ଏହି ଯୋଗଜନ୍ମା ମହାରାଜାଙ୍କର ମହାପ୍ରୟାଣ ଘଟିଲା ୧୯୭୪ ମସିହା ମଇ ମାସ ୨୫ ତାରିଖରେ । ତାଙ୍କ ଆବ□ମାନରେ ବିରାଟ ଶୂନ୍ୟତା । ଯଦି ଓଡିଆ ଜାତି ତାଙ୍କ ବ୍ୟକ୍ତିତ୍ୱର ଗୋଟିଏ ଦିଗ ସ୍ମରଣରେ ମଥାନତ କରିବା କଥା ତାହା ହେଲା ତାଙ୍କର ଜାତୀୟ ଭାବ, ତାଙ୍କର ଓଡ଼ିଆ ପ୍ରାଣ । ଆମ ଭିତରେ ସେହି ଚିନ୍ତା-ଚେତନା ଉଦ୍ରେକ ହେଉ ଏହାହିଁ ଆଜିର ଅନୁଚିନ୍ତା ।

*-ସଭାପତି, ସାରସ୍ୱତ ପରିଷଦ, ଜଗତସିଂହପୁର,*
*ମୋ- ୯୩୩୭୨୨୧୯୨୪*




# ମାଲକାନଗିରି ପଚାଂୟତ ସମିତିର ପ୍ରଥମ ବୈଠକ

ମାଲକାନଗିରି, ପି.ଏନ):ମାଲକାନଗିରି ପଚାଂୟତ ସମିତି ଅଧିନସ୍ଥ ୧୯ ଟି ଗ୍ରାମପଚାଂୟତର ସମିତି ସଭ୍ୟା ଓ ସଭ୍ୟ ଏବଂ ସରପଂଚ ବୃନ୍ଦଙ୍କୁ ନେଇ ଆଜି ମାଲକାନଗିରି ପଚାଂୟତ ସମିତି ଅଧକ୍ଷା ଗୌରୀ ପଡ଼ିଆମୀଙ୍କ ଅଧକ୍ଷତାରେ ପୂର୍ବାହ୍ନ ୧୧ଟା ସମୟରେ ମାଲକାନଗିରି ପଚାଂୟତ ସମିତି ବୈଠକ ଗୃହ ଠାରେ ପଚାଂୟତ ସମିତିର ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକରେ ମୁଖ୍ୟ ଅତିଥି ଭାବରେ ପୂର୍ବତନ ମନ୍ତ୍ରୀ ତଥା ନବରଙ୍ଗପୁର ଲୋକ ସଭା ସାଂସଦ ରମେଶ ଚନ୍ଦ୍ର ମାଝୀ ଯୋଗଦେଇ ସମସ୍ତ ବିଭାଗ ସାଧାରଣ ବଂଟନ ବ୍ୟବସ୍ଥା, ଶିକ୍ଷା, ସମାଜ କଲ୍ୟାଣ, କୃଷି, ଉଦ୍ୟାନ ଓ ପ୍ରାଣୀଧନ, ମହିଳା ଓ ଶିଶୁ ବିକାଶ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ, ମତ୍ସ୍ୟ ଚାଷ, ଗ୍ରାମ୍ୟ ଉନ୍ନୟନ, ପୂର୍ତ୍ତ ବିଭାଗ, ଉଠା ଜଳସେଚନ/ କ୍ଷୁଦ୍ର ଜଳସେଚନ, ବିଦ୍ୟୁତିକରଣ , ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ ଉନ୍ନୟନମୂଳକ କାର୍ଯ୍ୟ ସମସ୍ତ ବିଭାଗର ଉନ୍ନୟନ ମୂଳକ ପ୍ରକଳ୍ପ ଉପରେ ପୁଙ୍ଖାନୁପୁଙ୍ଖ ଭାବରେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ଭାବରେ ମାଲକାନଗିରି ଜିଲ୍ଲା ପରିଷଦ ଅଧକ୍ଷା ସମାରୀ ତାଙ୍ଗୁଲ ଓ ମାଲକାନଗିରି ବିଧାୟକ ଆଦିତ୍ୟ ମାଡି ଏବଂ ବ୍ଲକ ଉପାଧକ୍ଷ ନିରଞ୍ଜନ ହାଲଦାର ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଆଜିର ଏହି ବୈଠକରେ ଗୋଷ୍ଠି ଉନ୍ନୟନ ଅଧିକାରୀ ଅଜୟ କୁମାର ପ୍ରଧାନ ସଭା ପରିଚାଳନା କରିଥିବା ବେଳେ ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ସଭ୍ୟ ମୁକା ମାଡକାମୀ, ସମାରା ଅନୁଗୁ, ବିଜେଡି ବରିଷ୍ଠ ନେତା ତଥା ମାର୍କାପଲ୍ଲୀସମିତି ସଭ୍ୟ ସହଦେବ ମୁଦୁଲି, ପାଣ୍ଡ୍ରିପାଣି ସମିତି ସଭ୍ୟ ସୁନ୍ଦର ରାୟ ସେଡା, ଚାଲାଣ ଗୁଡା ସମିତି ସଭ୍ୟ ଆନନ୍ଦ ମାଲାକାର, ଝରାପଲ୍ଲୀ ସମିତି ସଭ୍ୟ ନରଶିଙ୍ଗ ମାଡକାମୀ, ତଣ୍ଡାପାଲି ସମିତି ସଭ୍ୟା ଅନିମା ବିଶ୍ୱାସ, ବୀର ଲକ୍ଷ୍ମଣ ପୁର ସମିତି ସଭ୍ୟା ଲିଲି ଖରା, ସରପଂଚ ଘାସି ନାୟକ, ସରପଂଚ ସୁନଧାର ମାଡକାମୀ, ସରପଂଚ ଗଙ୍ଗାଧର ମାଡକାମୀ, ସରପଂଚ ବିମଳା ମାଡକାମୀ, ପେଡାକୋଣ୍ଡା ସରପଂଚ ଲକ୍ଷମା ପଡ଼ିଆମୀ ପ୍ରମୁଖଙ୍କ ସହ ମାଲକାନଗିରି ବ୍ଲକର ସମସ୍ତ ସରକାରୀ ଅଧିକାରୀ ଉପସ୍ଥିତ ଥିଲେ ।

# ଅଧିକାର ମାଇକ୍ରୋଫାଇନାନ୍ସ: ମହିଳା ଉଦ୍ୟୋଗୀଙ୍କ ସ୍ୱପ୍ନକୁ ସାକାର କରୁଛି



ସମ୍ବଲପୁର(ପିଏନ) : ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବାରେ ମାଇକ୍ରୋଫାଇନାନ୍ସ ଏକ ଗୁରୁତ୍ୱପୂର୍ଣ୍ଣ ସହାୟକ ଭୂମିକା ନିର୍ବାହ କରୁଛି। ଓଡ଼ିଶାର ବଲାଙ୍ଗୀର ଜିଲା ଅନ୍ତର୍ଗତ ଖଇରଟିକ୍ରା ଗ୍ରାମର ଜଣେ ଅଧିବାସୀ ପୁଷ୍ପାଞ୍ଜଳି ମେହେରଙ୍କ ଅଭିବୃଦ୍ଧି କାହାଣୀ ତାଙ୍କ ସମେତ ଅନ୍ୟ ବହୁ ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ମହିଳାଙ୍କ ଜୀବନରେ ମାଇକ୍ରୋ-କ୍ରେଡିଟର ଗୁରୁତ୍ୱକୁ ପ୍ରଦର୍ଶିତ କରୁଛି, ଯେଉଁମାନଙ୍କ ପାଇଁ ମୁଖ୍ୟସ୍ରୋତ ବ୍ୟାଙ୍କିଙ୍ଗ୍ ସେବା ପାଇବାକୁ ସୀମିତ ସୁଯୋଗ ରହିଥିଲା। ତାଙ୍କ ସାହସ ଏବଂ ଏକାଗ୍ରତାର କାହାଣୀ ତାଙ୍କୁ ତାଙ୍କ ପରିବାରକୁ ଦାରିଦ୍ର୍ୟ ମଧ୍ୟରୁ ଆର୍ଥିକ ସ୍ଥିରତା ଆଡକୁ ଅଗ୍ରସର କରାଇବାର ଦୀର୍ଘପଥ ଅଗ୍ରସର କରାଇଛି। ପୁଷ୍ପାଞ୍ଜଳିଙ୍କର ଚାରିଜଣିଆ ପରିବାରରେ ତାଙ୍କ ସ୍ୱାମୀ ଏବଂ ଦୁଇଜଣ ବଡ ପିଲା ଅଛନ୍ତି, ଯେଉଁମାନେ ପରିବାରର ଦୈନନ୍ଦିନ ଆବଶ୍ୟକତା ପୂରଣ ପାଇଁ ସଂଗ୍ରାମ କରୁଥିଲେ। ପୁଷ୍ପାଞ୍ଜଳିଙ୍କ ସ୍ୱାମୀ ଏକ କ୍ଷୁଦ୍ର ତନ୍ତ ଦୋକାନରେ ଜଣେ ସହାୟକ ଭାବେ କାମ କରନ୍ତି। ତାଙ୍କ କାର୍ଯ୍ୟରୁ ମିଳୁଥିବା ଅତି ସ୍ୱଳ୍ପ ଆୟ ପରିବାରର ଆବଶ୍ୟକତା ପୂରଣ କରିବାକୁ ପର୍ଯ୍ୟାପ୍ତ ନଥିଲା। ସେମାନଙ୍କ ଅବସ୍ଥା ଏତେ ଖରାପ ଥିଲା ଯେ ସେମାନେ ପରିବାର ପାଇଁ ଦିନକରେ ଗୋଟିଏ ଥର ପେଟପୁରା ଖାଇବା ଯୋଗାଡ କରିବାକୁ ଅସମର୍ଥ ଥିଲେ। ପ୍ରତିଟି ଦିନ ଅତିବାହିତ ହେବାସହିତ ସେମାନଙ୍କ ଅବସ୍ଥା ଅଧିକରୁ ଅଧିକ ଖରାପ ହେବାକୁ ଲାଗିଲା, ଏବଂ ସେମାନଙ୍କୁ ଅଣଆନୁଷ୍ଠାନିକ ଋଣଦାତାଙ୍କ ଉପରେ ନିର୍ଭର କରିବାକୁ ପଡିଲା, ଯାହା ମାତ୍ରାଧିକ ସୁଧହାର ଯୋଗୁଁ ସେମାନଙ୍କ ପାଇଁ ଅଧିକ ବୋଝ ହୋଇପଡିଲା। ଏଭଳି ପରିସ୍ଥିତିରେ ଭାଙ୍ଗିପଡିଥିବା ପୁଷ୍ପାଞ୍ଜଳି ନିଜେ ଆର୍ଥିକ ସ୍ୱାବଲମ୍ବୀ ହୋଇ ପରିବାରର ସ୍ଥିତିରେ ଉନ୍ନତି ଆଣିବାକୁ ସ୍ଥିରକଲେ। ସେ ଅଧିକାର ମାଇକ୍ରୋଫାଇନାନ୍ସର ମାଇକ୍ରୋଫାଇନାନ୍ସ ସୁବିଧା ସମ୍ପର୍କରେ ଅବଗତ ହେଲେ, ଅଧିକାରର ଟିମ୍ ନିକଟରୁ ସେମାନଙ୍କ ସେବା ସମ୍ପର୍କରେ ବିସ୍ତୃତ ଭାବେ ବୁଝିବା ପରେ ସେ ତୁରନ୍ତ ଅଧିକାରର ଜଣେ ସଦସ୍ୟ ହୋଇଗଲେ। ଏକ କ୍ଷୁଦ୍ର ତନ୍ତ ଦୋକାନ ଆରମ୍ଭ କରିବାକୁ ପ୍ରଥମେ ସେ ୧୦,୦୦୦ ଟଙ୍କା ଋଣ ନେଲେ। ନିଜ ସ୍ୱାମୀଙ୍କର ବୁଣାବୁଣି ଅଭିଜ୍ଞତାକୁ ଉପଯୋଗ କରି ସେମାନେ ସୁନ୍ଦର ସୁନ୍ଦର ସମ୍ବଲପୁରୀ ଶାଢୀ ତିଆରି କରିବା ଆରମ୍ଭକଲେ, ଯାହାକୁ ଗ୍ରାହକମାନେ ଅତ୍ୟନ୍ତ ପସନ୍ଦକଲେ ଏବଂ ସେମାନଙ୍କର ଆୟ ବୃଦ୍ଧିପାଇବାକୁ ଲାଗିଲା। ତାଙ୍କର ନିରବଚ୍ଛିନ୍ନ ପ୍ରୟାସ ବଳରେ ତାଙ୍କ ବ୍ୟବସାୟ ଲୋକପ୍ରିୟତା ହାସଲ କଲା ଏବଂ ତାହା ସେମାନଙ୍କ ଆର୍ଥିକ ସ୍ଥିତିରେ ଉନ୍ନତି ଆଣିଲା। ସେମାନେ ମାସକୁ ୬୦୦୦ରୁ ୭୦୦୦ ଟଙ୍କା ପର୍ଯ୍ୟନ୍ତ ଆୟ କରିବା ଆରମ୍ଭକଲେ। ତାଙ୍କର ପ୍ରଥମ ଋଣ ଅର୍ଥ ସଫଳତାର ସହିତ ପରିଶୋଧ କରିବାପରେ ସେ ନିଜ ବ୍ୟବସାୟ ସମ୍ପ୍ରସାରଣ କରିବାକୁ ଆଉ ୩୫,୦୦୦ ଟଙ୍କା ଋଣ ନେଲେ। କଠିନ ପରିଶ୍ରମ, ଅଧ୍ୟବସାୟ ଏବଂ ଅଧିକାର ନିକଟରୁ ସାମାନ୍ୟ ସମର୍ଥନ ପାଇ ପୁଷ୍ପାଞ୍ଜଳି ତାଙ୍କ ଜୀବନରେ ସକାରାତ୍ମକ ପରିବର୍ତ୍ତନ ଆଣିବାକୁ ସମର୍ଥ ହେଲେ।

## ସ୍କୁଟି ଡିକିରୁ ୧ ଲକ୍ଷ ଟଙ୍କା ଲୁଟ ଅଭିଯୋଗ

ପଟ୍ଟାମୁଣ୍ଡାଇ, ପି.ଏନ): କେନ୍ଦ୍ରାପଡା ଜିଲ୍ଲା ପଟ୍ଟାମୁଣ୍ଡାଇ ଧୋୟାଚଂଳ ଅନ୍ତର୍ଗତ ଅଳପୁଆ ହାଇସ୍କୁଲ ଗେଟ ସାମନାରୁ ଜନୈକ ବ୍ୟକ୍ତିଙ୍କ ସ୍କୁଟି ଡିକିରୁ ୧ ଲକ୍ଷ ଟଙ୍କା ଲୁଟ ହୋଇଥିବା ଚଉଦକୁଲାଟ ଫାଣ୍ଡିରେ ଅଭିଯୋଗ ହୋଇଛି ।ଅଭିଯୋଗରୁ ପ୍ରକାଶ ଯେ, ଅଳପୁଆ ଗ୍ରାମର କୃତିବାସ ସାହୁ ଆଜି ମଧାହ୍ନରେ ଦାଣ୍ଡିସାହିସ୍ଥିତ କାନାରା ବ୍ୟାଙ୍କ ଶାଖାରୁ ୧ ଲକ୍ଷ ଟଙ୍କା ଉଠାଇ ଏକ ବ୍ୟାଗରେ ଉକ୍ତ ଟଙ୍କା ଓ କେତେକ ଦରକାରୀ କାଗଜପତ୍ର ସହିତ ସ୍କୁଟି ଡିକିରେ ରଖିଥିଲେ । କୃତିବାସଙ୍କର କୌଣସି କାର୍ଯ୍ୟ ଥିବାରୁ ଅଳପୁଆ ହାଇସ୍କୁଲ ଗେଟ ବାହାରେ ସ୍କୁଟିଟିକୁ ରଖି ହାଇସ୍କୁଲ ମଧ୍ୟକୁ ଯାଇ କିଛି ସମୟ ପରେ ଗେଟ ନିକଟକୁ ଫେରିଥିଲେ । କିନ୍ତୁ ସେ ଫେରିବା ପରେ ତାଙ୍କ ସ୍କୁଟି ଡିକିରେ ଟଙ୍କା ଓ କାଗଜପତ୍ର ଭର୍ତି ବ୍ୟାଗଟି ନଥିବା ଦେଖିବାକୁ ପାଇଥିଲେ । ଏଥି ନେଇ କୃତିବାସ ଚଉଦକୁଲାଟ ଫାଣ୍ଡିରେ ଅଭିଯୋଗ କରିଥିବା ଜଣାଯାଇଛି । ସମ୍ଭବତଃ କୃତିବାସ ବ୍ୟାଙ୍କରୁ ଟଙ୍କା ଉଠାଉଥିବାବେଳେ କେହି ତାଙ୍କର ପିଛା କରୁଥିବା ବିଷୟରେ ସେ ଜାଣିପାରି ନଥିଲେ । ସ୍କୁଟିରେ ଟଙ୍କା ରଖି ସ୍କୁଲ ମଧ୍ୟକୁ ଯିବାର ସୁଯୋଗ ନେଇ କେହି ଦୁର୍ବୃତ ସ୍କୁଟି ଡିକିରୁ ଟଙ୍କା ଲୁଟ କରିଥିବା ସନ୍ଦେହ କରାଯାଉଛି ।


**OFFICE OF THE MUNICIPA COUNCIL, TALCHER**

DIST- ANGUL

Phone No, (06760)240259 E-mail ID: e.o.talcher@gmail.com

No. 2089 /Date. 26.05.22

**QUOTATION CALL NOTICE**

The Executive Officer, Talcher Municipality on behalf of Talcher, Dist-Angul invites sealed quotations from the intending registered firms and Bidders for Cleaning and De-watering as well as Colouring Works of Well at different Wards under Talcher Municipality. The prescribed quotation schedule can be obtained from the Cashier section of Talcher Municipality on payment of Rs. 2500/- ( Rupees Two Thousand Five Hundred) only including GST @ 12% (non-refundable) in shape of cash in favour of the Executive Officer, Talcher Municipality from date 26.05.2022 to date 03.06.2022 upto 11.30 AM. And this office will in no way be responsible for any delay in receipt of the quotation documents. The quotation will be opened on the same date at 12.30 PM in presence of the quotationer or their authorized representative if any. The quotation received beyond the schedule date and time will not be considered at all.

All terms and conditions may be seen in the quotation proforma. The Undersigned has rights to accept cancel or reject any or all the quotations without assigning any reason thereof.

| Sl.No | Description | Unit |
|---|---|---|
| 1 | Cleaning and De-Watering of Well including all Pump Charges and Man power engaged upto 35ft depth and doing colouring works of M.S. Grill at different words of Talcher Municipality. | Rate per each Well (Including GST 12%) |

Executive Officer

Talcher Municipality


# ବେସାରିକ ଯୋଗାଣ ବିଭାଗ ଦ୍ୱାରା ପରିଚାଳିତ ଏଚ୍‌ପିସିଏଲ ଗ୍ୟାସ୍ ଗୋଦାମ ପାଇଁ ଜମି ଯୋଗାଇ ଦେବାକୁ ଦାବୀ

କେନ୍ଦୁଝର(ପିଏନ): ଏଚ୍‌ପିସିଏଲ କମ୍ପାନୀ ପକ୍ଷରୁ ଆଡହକରେ ବେସାରିକ ଯୋଗାଣ ବିଭାଗକୁ ଡିଲରସିପ ଦିଆଯାଇଛି । ଗ୍ୟାସ ସିଲିଣ୍ଡର ଷ୍ଟୋରେଜ ପାଇଁ ଆବଶ୍ୟକୀୟ ଷ୍ଟୋରେଜ ପାଇଁ ଆବଶ୍ୟକ ୧ ଏକର ଜମି ମିଳୁନଥିବାରୁ ଡିଲରସିପ ବନ୍ଦ ହେବାକୁ ଯାଉଛି। ନିଜସ୍ୱ ଗୋଦାମ ଘର ନଥିବାରୁ ବିଭିନ୍ନ ବିଭାଗର ଯଥା ଏକ୍ସପ୍ଲୋସିଭ ଲାଇସେନ୍ସ, ଫାୟରସେଫ୍ଟି ଲାଇସେନ୍ସ ୨୬ ବର୍ଷ ଧରି ମିଳିପାରୁନାହିଁ। ଗ୍ୟାସ ସିଲିଣ୍ଡର ଷ୍ଟୋରେଜ ପାଇଁ ଆବଶ୍ୟକୀୟ ଷ୍ଟୋରେଜ ପାଇଁ ଆବଶ୍ୟକ ୧ ଏକର ଜମି ପାଇଁ ବାରମ୍ବାର ସଦର ତହସିଲକୁ ଆବେଦନ କଲେ ମଧ୍ୟ ଜମି ନଥିବା କହି ତହସିଲ ପକ୍ଷରୁ ଅଗ୍ରାହ୍ୟ କରାଯାଉଛି । କେନ୍ଦୁଝର ସଦର ମହକୁମାରେ ଜନାକୀର୍ଣ୍ଣ ତଥା ଶିକ୍ଷାନୁଷ୍ଠାନକୁ ସଂଲଗ୍ନ ଥାଇ ଏକ ବିପଦସଂକୁଳ ଘରେ ଗ୍ୟାସ୍ ଗୋଦାମ ଚାଲୁଥିବାବେଳେ ଜମି ମିଳୁନଥିବାରୁ ଗୋଦାମ ଘର ହୋଇପାରୁନଥିବା ଜଣାପଡିଛି। ତେବେ ସୁରକ୍ଷା ଦୃଷ୍ଟି କୋଣରୁ ଗ୍ୟାସ ଗୋଦାମ ଜନବସତିଠାରୁ ଦୂରରେ କରିବା ପାଇଁ ନିଷ୍ପତ୍ତି ହୋଇଥିଲା। କିନ୍ତୁ ରାଜସ୍ୱ ବିଭାଗ ଆବଶ୍ୟକୀୟ ଜମି ଯୋଗାଇ ଦେଉନଥିବାରୁ ଗ୍ୟାସ ଗୋଦାମ ଅନ୍ୟତ୍ର ସ୍ଥାନାନ୍ତର ହୋଇ ପାରୁନାହିଁ। ଓଡିଶା ସରକାରଙ୍କ ଖାଉଟି କଲ୍ୟାଣ ଓ ବେସାମରିକ ଯୋଗାଣ ବିଭାଗ ଅଧିନରେ ଥିବା ଯୋଗାଣ ନିଗମ ନିଗମ ଲିମିଟେଡ ଦ୍ୱାରା ପରିଚାଳିତ ଏହି ଗ୍ୟାସ ଗୋଦାମ ଆବଶ୍ୟକୀୟ ସୁରକ୍ଷା ଅଭାବରୁ ଏହାକୁ ଏଲପିଜି ବିତରଣ କରୁଥିବା କମ୍ପାନୀ ବନ୍ଦ କରିବାକୁ ସ୍ପଷ୍ଟ ଭାବେ ଜଣାଇଛି। ଏଚ୍‌ପିସିଏଲର ଡିଜିଏମ ଧର୍ମେନ୍ଦ୍ର ବେହୁରା ଗୋଦାମ ଘର ନଥିବାରୁ ବେସାମରିକ ଯୋଗାଣ ବିଭାଗ ଅଧିନରେ ଥିବା ଆଡହକ ଡିଲରସିପ ୩୦ ନଭେମ୍ବର ୨୦୨୦ରେ ବନ୍ଦ କରିବାକୁ ଜିଲ୍ଲା ପରିଚାଳକ ବେସାମରିକ ଯୋଗାଣ ଅଧିକାରୀଙ୍କୁ ଚିଠି କରି ଜଣାଇବା ପରେ କେନ୍ଦୁଝର ସହରରେ ବିଭିନ୍ନ ମହଲରେ ଅସନ୍ତୋଷ ଦେଖାଦେଇଛି । ଏହି ଡିଲରସିପ ଅଧିନରେ ୧୭,୪୦୦ ଉପଭୋକ୍ତା ଅଛନ୍ତି। ସୂଚନାଯୋଗ୍ୟ ଯେ, କେନ୍ଦୁଝର ସହରରେ ଏଚ୍‌ପିସିଏଲ କମ୍ପାନୀ ତରଫରୁ ଗ୍ୟାସ ଯୋଗାଇବା ପାଇଁ ପୂର୍ବରୁ ମେସର୍ସ କେନ୍ଦୁଝର ଗ୍ୟାସ ଏଜେନ୍ସିକୁ ଲାଇସେନ୍ସ ପ୍ରଦାନ କରାଯାଇଥିଲା। ତେବେ ଅନିୟମିତତା ଅଭିଯୋଗରେ ୧୯୯୬ ମସିହାରେ ଏହାର ଲାଇସେନ୍ସ ସସପେଣ୍ଡ ହୋଇଥିଲା। ଏହାପରେ ଏ ସଂପର୍କିତ ଏକ ମାମଲା କୋର୍ଟରେ ବିଚାରଧିନ ଥିବାବେଳେ ଏଚ୍‌ପିସିଏଲ କମ୍ପାନୀ ପକ୍ଷରୁ ଆଡହକରେ ବେସାମରିକ ଯୋଗାଣ ବିଭାଗକୁ ଡିଲରସିପ ଦିଆଯାଇଛି। ସେବେଠାରୁ ବେସାମରିକ ଯୋଗାଣ ବିଭାଗ ସୁଚାରୁରୂପେ ଏଲପିଜି ସିଲିଣ୍ଡର ଲୋକମାନଙ୍କୁ ଘରକୁ ଘର ଗାଡି ଦ୍ୱାରା ସୁଚାରୁରୂପେ ଗ୍ୟାସ ସିଲିଣ୍ଡର ଯୋଗାଣ କରିଆସୁଛି। ଏହି ସଂସ୍ଥା ୨୬ ବର୍ଷ ଧରି ସୁରୁଖୁରୁରେ ଚାଲି ଆସୁଥିବାବେଳେ ବନ୍ଦ ହେଲେ ଗ୍ୟାସ ବିତରଣରେ ବିଭ୍ରାଟ ହେବ ଏବଂ ଉପଭୋକ୍ତାମାନେ ହଇରାଣ ହେବ ବୋଲି ବହୁ ଜନସାଧାରଣ ପ୍ରକାଶ କରିଛନ୍ତି। ଏ ନେଇ ଶୁକ୍ରବାର ଦିନ ବରଦା ପ୍ରସନ୍ନ ଦାସ, ରୁଦ୍ର ନାରାୟଣ ମହାନ୍ତ, ସୁଧାଂଶୁ ଶେଖର ସାହୁ, ଅସିତ୍ ପଟ୍ଟନାୟକ, ରମେଶ ଚନ୍ଦ୍ର ନାୟକ, ରବିନ୍ଦ୍ର କୁମାର ସେଠୀ, ବାସୁଦେବ ରାଜ, ମନୋରଞ୍ଜନ ମଙ୍ଗରାଜ, ଶୁଭେନ୍ଦୁ ସାହୁ, କବିଚରଣ ନାୟକ, ଅଜୟ ଅଗ୍ରୱାଲ, ଅନୀଲ ଅଗ୍ରୱାଲ, କାର୍ତ୍ତିକ ସେଠୀ, ସୌରଭ ମହାପାତ୍ର, ଗୌତମ ମହାପାତ୍ର, ଶାନ୍ତନୁ ମହାନ୍ତି, ଶୁକୁମାର ଦେ,ରଜତ କୁମାର ଗିରି, କୈଳାଶ ଚନ୍ଦ୍ର ଜେନା,ଦେବେନ୍ଦ୍ର ନାଥ ମହାନ୍ତି, ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି, ସଂଜୟ କୁମାର ମହାନ୍ତ, ରାକେଶ କୁମାର ସାହୁ, ରାମଚନ୍ଦ୍ର ସେଠୀ,ସଂଜୟ କୁମାର ପଣ୍ଡା, ସତ୍ୟାନନ୍ଦ ମହାନ୍ତ, ଶରତ ଚନ୍ଦ୍ର ମହାନ୍ତ, ମନୋଜ କୁମାର ମହାନ୍ତ,ଏମଡି ଇରସାଦ, ସୁବାସ ଚନ୍ଦ୍ର ସାହୁ, ଧରଣୀଧର ମହାନ୍ତ, ନାରାୟଣ ନାୟକ, ପ୍ରଶାନ୍ତ କୁମାର ଭଞ୍ଜଦେଓ ପ୍ରମୁଖଏକ ଦାବୀ ପତ୍ର ମାଧ୍ୟମରେ ବେସାରିକ ଯୋଗାଣ ବିଭାଗକୁ ୧ ଏକର ଜମି ଯୋଗାଇ ଦେବାକୁ ଜିଲ୍ଲାପାଳଙ୍କୁ ଦାବୀ କରିଛନ୍ତି।

# ରାଜନଗର ବଜାରରେ ଉଚ୍ଛେଦ ବେଳେ ଉତ୍ତେଜନା, ପ୍ରଶାସନକୁ ଘେରିଲେ ସ୍ଥାନୀୟ ଲୋକେ

ପଟ୍ଟାମୁଣ୍ଡାଇ,ପି.ଏନ): ରାଜନଗରରେ ଜବରଦଖଲ ଉଚ୍ଛେଦ ବେଳେ ପ୍ରବଳ ଉତେଜନା । ପ୍ରଶାସନ ଜନତା ମୁହାଁମୁହିଁ । ଏକ ଘଂଟାରୁ ଉର୍ଦ୍ଧ୍ୱ ସମୟ ଧରି ବଜାର ଉପରେ ତହସିଲଦାରଙ୍କୁ ଅଟକ ରଖିଛନ୍ତି ଲୋକେ। ସରକାରୀ ଜାଗାରେ କୋଠାଘର ଭାଙ୍ଗିବା ସମୟରେ ଉତେଜନା । ରାଜନଗର ବଜାର ଉପରେ ରାଜନଗରର ଘନଶ୍ୟାମ ପାଣି ନାମକ ଜଣେ ବ୍ୟକ୍ତି ଏକ ଦୁଇ ମହଲା କୋଠା ନିର୍ମାଣ କରୁଥିଲେ, ଘରକୁ ଆଜି ରାଜନଗର ପ୍ରଶାସନ ଭାଙ୍ଗିବା ସମୟରେ ଲୋକମାନଙ୍କ ମଧ୍ୟରେ ପ୍ରବଳ ଉତେଜନା ଦେଖିବାକୁ ମିଳିଛି। ତାଙ୍କ କହିବା କଥା ହେଲା ରାଜନଗର ତହସିଲଦାର ଟଙ୍କା ନେଇ ଆମକୁ ଘର କରିବାକୁ ଅନୁମତି ଦେଇଥିଲେ ଫଳରେ ଆମେ ଘର ନିର୍ମାଣ କଲୁ। ତହସିଲଦାର ଆମକୁ ପୁଣି ଟଙ୍କା ମାଗୁଥିଲେ ଆମେ ନଦେବାରୁ ଆଜି ପୋଲିସ ଛିଡା କରି ଜୋର ଜବରଦସ୍ତ ଆମ ଘର ଭାଙ୍ଗୁଛନ୍ତି ।ଅନ୍ୟ ପଟେ ତହସିଲଦାର କହିଛନ୍ତି, ସରକାରୀ ଜାଗାରେ ଘର ନିର୍ମାଣ ହେଉଥିବାରୁ ଏହାକୁ ଉଛେଦ କରାଯାଉଛି।

## ମୈତ୍ରୀ କେନ୍ଦ୍ର ପରିଦର୍ଶନ କଲେ ବାଲିମେଳା ଏନଏସି ଅଧକ୍ଷ

ମାଲକାନଗିରି, (ପି.ଏନ): ଦୀର୍ଘ ବର୍ଷ ପରେ ପ୍ରତିକ୍ଷାର ଅନ୍ତ ଘଟିଛି। ବିଜ୍ଞାପିତ ଅଂଚଳ ପରିଷଦ ବାଲିମେଳାର ନବ ନିର୍ବାଚିତ ଅଧକ୍ଷ ପ୍ରଦୀପ ନାୟକ, ଉପାଧକ୍ଷା ରଶ୍ମିତା ବାଙ୍କା ଓ ସମସ୍ତ ୧୧ ଜଣ କାଉନସିଲର ରାଜ୍ୟ ସରକାର ତଥା ଯୋଗାଇଦେଉଥିବା ପି ଡି ଏସ୍ ସାମଗ୍ରୀ ( ଚାଉଳ, ଗହମ, କିରୋସିନି କିପରି ଭାବରେ ହିତାଧିକାରୀଙ୍କ ପାଖରେ ପହଂଚୁଛି ଓ ବିପିଏଲ ସିମାରେଖା ତଳେ ଥିବା ଲୋକ ମାନେ ରାଜ୍ୟ ସରକାର ଯୋଗାଇ ଦେଉଥିବା ପି ଡି ଏସ୍ ସାମଗ୍ରୀ କୁ ଠିକ୍ ଭାବରେ ପାଇ ପାରୁଛନ୍ତି କି ନାହିଁ ତାର ତଦାରଖ କରିବା ପାଇଁ ପି ଡି ଏସ୍ ବଂଟନ ମୈତ୍ରୀ କେନ୍ଦ୍ରରେ ପହଂଚି ଲୋକଙ୍କ ସହିତ ଆଲୋଚନା କରିଥିଲେ। ଏହି ସମୟରେ ହିତାଧିକାରୀ ମାନେ ମୈତ୍ରୀ କେନ୍ଦ୍ରରେ ବ୍ୟାପକ ଅନିୟମିତତା କରାଯାଉଥିବା ଅଧକ୍ଷଙ୍କ ନିକଟରେ ଅଭିଯୋଗ କରିଥିଲେ। ଏହା ଶୁଣି ଅଧକ୍ଷ ଶ୍ରୀ ନାୟକ ପିଡିଏସ ବଂଟନ ଦାୟିତ୍ୱରେ ଥିବା ଡିଲର ବୈକୁଣ୍ଠ ବେହେରାଙ୍କୁ ତାଗିଦ କରିଥିଲେ। ପରେ କୋରୁକୋଣ୍ଡା ବ୍ଲକ ଯୋଗାଣ ନିରୀକ୍ଷକ ବ୍ୟୋମକେଶ ମାଝୀଙ୍କ ସହିତ ଆଲୋଚନା କରିଥିଲେ ଓ ପି ଡି ଏସ୍ ବଂଟନ ମୈତ୍ରୀ କେନ୍ଦ୍ରରେ ଲୋକଙ୍କ ପାଇଁ କୌଣସି ପ୍ରକାରର ସୁବିଧା ନଥିବାରୁ ଅଧକ୍ଷ ଶ୍ରୀଯୁକ୍ତ ନାୟକ ଓ ଉପାଧକ୍ଷା ଶ୍ରୀମତି ବାଙ୍କା ଓ ସେଠାରେ ନଡିଆ ବାଡେଇ ବଂଟନ କେନ୍ଦ୍ର ନିକଟରେ ଖୁବ୍ ଶୀଘ୍ର ଏକ ସେଡ୍ ଓ ବସିବା ପାଇଁ ଚେୟାରର ବ୍ୟବସ୍ଥା କରାଯିବ ବୋଲି ଲୋକଙ୍କୁ ପ୍ରତିଶ୍ରୁତି ଦେଇଥିଲେ ।

## କଳାହାଣ୍ଡିରେ ବନ୍ଦ ପାଳନ ସଫଳ

ଭବାନୀପାଟଣା, (ପି.ଏନ): ଆଜି କଳାହାଣ୍ଡି ଜିଲ୍ଲାର ବିଭିନ୍ନ ସହରରେ ଭାରତ ବନ୍ଦ ଡାକରା ସଫଳ ହୋଇଥିବା ଜଣାଯାଏ। ସଂଘ ତରଫରୁ ସକାଳ ୬ଟା ରୁ ଦିନ୧୨ଟା ପର୍ଯନ୍ତ ବନ୍ଦ ପାଳନ କରାଯାଇଥିଲା। ସଂଘ ର ପ୍ରମୁଖ ୯ଗୋଟି ଦାବିକୁ ସରକାରଙ୍କ ପାଖରେ ଉପସ୍ଥାପନା କରି ବିଭିନ୍ନ ନାରାବାଜି ଦିଆଯାଇଥିଲା ।ସେମାନଙ୍କର ପ୍ରମୁଖ ଦାବି ମଧ୍ୟରୁ ଓ ବି ସି ଙ୍କର ଜାତି ଆଧାରିତ ଜନଗଣନା କରିବା, ଓବିସିଙ୍କ ସହ ସରକାର ଧୋକାବାଜି ଷଡ଼ଯନ୍ତ୍ର ବନ୍ଦ କରିବା, ଇ ଭି ଏମ ଘୋଟାଲା ବନ୍ଦ କରିବା, ବେସରକାରୀ ସ୍ଥାନରେ ଆରକ୍ଷଣକୁ ଓ ବି ସି ଙ୍କୁ ଲାଗୁ କରିବା, ଏମ. ଏସ. ପି. ଗ୍ୟାରେଂଟି ଆଇନ ଲାଗୁ କରିବା, ପର୍ଯ୍ୟାବରଣ ସଂରକ୍ଷଣ ନାମରେ ଆଦିବାସୀଙ୍କୁ ବିସ୍ଥାପନ ବନ୍ଦ କରିବା, ଏ ନ. ଆର ସି ସି, ସି ଏ ଏ, ଏ ନ ପି ଆର ଇତ୍ୟାଦିକୁ ବନ୍ଦ କରିବା, ପୁରୁଣାକୁ ଲାଗୁ କରିବା, ଶ୍ରମିକ ବିରୋଧୀ ଆଇନକୁ ବନ୍ଦ କରିବା, ଜୋର ଜବରଦସ୍ତ ଟୀକାକରଣକୁ ବନ୍ଦ କରିବା ଇତ୍ୟାଦି ଦାବିକୁ ପୂରଣ କରିବାକୁ ସଂଘ ଭାରତ ବନ୍ଦ କରିଥିବା ପ୍ରକାଶ ।କଳାହାଣ୍ଡିର ଭବାନୀପାଟଣା, ଜୁନାଗଡ଼, ଧର୍ମଗଡ଼ ଇତ୍ୟାଦି ପ୍ରମୁଖ ସହରରେ ଶାନ୍ତି ଶୃଙ୍ଖଳାର ସହକାରେ ବନ୍ଦ ପାଳନ ସଫଳ ହୋଇଥିବା ଜଣାଯାଏ। ଜିଲ୍ଲାର ସମସ୍ତ ଅନୁଷ୍ଠାନ, ଜନ ସାଧାରଣ ଏଥିରେ ସହଯୋଗ କରିଥିବା ଜଣାଯାଏ, ବନ୍ଦ ପାଳନ ସରିବା ପରେ ଯାନବାହାନ ଚଳାଚଳ ସ୍ୱାଭାବିକ ହୋଇଥିବା ଦେଖିବାକୁ ମିଳିଛି।

# ରାଜ୍ୟରେ ନାରୀ ଅସୁରକ୍ଷିତ ଓ ଆଇନ୍ ଶୃଙ୍ଖଳା ବିପର୍ଯ୍ୟସ୍ତ : କଂଗ୍ରେସ

ଭୁବନେଶ୍ୱର (ପିଏନ)- ତିର୍ତୋଲ ଅଂଚଳର ଜୈନିକା ନାବାଳିକାକୁ କଟକର ଚାଉଳିଆଗଞ୍ଜ ଥାନା ଅଧିନସ୍ଥ ଗତିରାଉତପାଟଣାର ଏକ ପରିତ୍ୟକ୍ତ ଘରେ ୨୨ ଦିନ କାଳ ବନ୍ଦି କରି ରଖି ଗଣଦୁଷ୍କର୍ମ କରିବା ଘଟଣାରେ ରାଜ୍ୟରେ ଆଇନ୍ ଶୃଙ୍ଖଳା ସଂପୂର୍ଣ୍ଣ ବିପର୍ଯ୍ୟସ୍ତ ଏବଂ ନାରୀ ଅସୁରକ୍ଷିତ ବୋଲି କଂଗ୍ରେସ ଭବନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସିଧାସଳଖ ରାଜ୍ୟ ସରକାରଙ୍କୁ ଟାର୍ଗେଟ୍ କରିଛନ୍ତି କଂଗ୍ରେସ ମୁଖପାତ୍ର ନିଶିକାନ୍ତ ମିଶ୍ର। ଘଟଣା ସଂପର୍କରେ ପୋଲିସ ପାଖରେ ଅପରାଧିଙ୍କ ସଂପର୍କରେ ନିର୍ଦ୍ଦିଷ୍ଟ ତଥ୍ୟ ଭିତିକ ଅଭିଯୋଗ ହେବାର ୪୮ ଘଂଟା ବିତି ଯାଇଥିଲେ ମଧ ଅପରାଧିଙ୍କୁ ପୋଲିସ ଧରିବାରେ ବିଫଳ। ସମଗ୍ର ଦେଶରେ ଦଣ୍ଡହାର ଠାରୁ ରାଜ୍ୟର ଦଣ୍ଡ ହାର ସର୍ବନିମ୍ନ। ଯେଉଁଥି ପାଇଁ ଅପରାଧିମାନେ ଅପରାଧ ଘଟାଇବା ପାଇଁ ପଛଘୁଂଚା ଦେଉନାହାନ୍ତି ଏବଂ ଅପରାଧିମାନଙ୍କୁ ଦଣ୍ଡ ଦେବା ପାଇଁ ସରକାରଙ୍କର ମାନସିକତା ମଧ ନାହିଁ। କାରଣ ଦୀର୍ଘ ୨୦ ବର୍ଷର ଶାସନ କାଳରେ ଅଧିକାଂଶ ଅପରାଧିକ ଘଟଣାରେ ସରକାରୀ ଦଳର କର୍ମୀ ସଂପୃକ୍ତ ହୋଇଥିବାରୁ ତଦନ୍ତକାରୀ ସଂସ୍ଥା ଅପରାଧିଙ୍କ ପ୍ରତି କୋହଳ ମନୋଭାବ ରଖି ଅଭିଯୋଗ ଫର୍ଦ୍ଦ ଦାଖଲ କରୁଥିବାରୁ ଅପରାଧିମାନେ ଅପରାଧ ଘଟାଇ



ଖସିବାରେ ସଫଳ ହେଉଛନ୍ତି ବୋଲି ଶ୍ରୀ ମିଶ୍ର ଅଭିଯୋଗ କରିବା ସହିତ ରାଜ୍ୟରେ ପିପିଲିର ବେବିନା, ଟିକିରି ଶିକ୍ଷୟତ୍ରୀ ଇତିଶ୍ରୀ ପ୍ରଧାନ ଓ ଆୟୁଷ ଡାକ୍ତରାଣୀ ମାଧବୀଲତା ଘଟଣାକୁ ରାଜ୍ୟ ସରକାର ଯେଭଳି ଭାବେ ତଦନ୍ତ କରାଇଲେ ତାହା ସମସ୍ତ ରାଜ୍ୟବାସୀ ଅବଗତ। ବିଶେଷକରି କୁନ୍ଦୁଲି ଘଟଣାରେ ସରକାରଙ୍କର ତଦନ୍ତ ଏବଂ ମାତ୍ରାଧିକ ଚାପ ସହି ନପାରି କୁନ୍ଦୁଲି ପୀଡିତା ଆତ୍ମହତ୍ୟା କରିଥିଲେ। ତେଣୁ ତିର୍ତୋଲ ପୀଡିତାଙ୍କ କ୍ଷେତ୍ରରେ କୁନ୍ଦୁଲି ଘଟଣାର ଯେଭଳି ପୁନରାବୃତି ନହେଉ, ସେଥିପାଇଁ ରାଜ୍ୟ ସରକାର ଉଚ୍ଚସ୍ତରୀୟ କ୍ରାଇମବ୍ରାଂଚ ତଦନ୍ତ କରାଇବା ସହିତ ପରିବାରକୁ ସୁରକ୍ଷା, ପୀଡିତା ରୋଜଗାରକ୍ଷମ ହେବା ପର୍ଯ୍ୟନ୍ତ ତା'ର ସମସ୍ତ ଭରଣପୋଷଣ ଖର୍ଚ୍ଚ ଓ ମାଗଣା ଶିକ୍ଷା ସହିତ ପୀଡିତାର ପରିବାରକୁ ସରକାରଙ୍କର ଜନମଙ୍ଗଳକାରୀ ଯୋଜନାରେ ସାମିଲ କରି ସାମାଜିକ ସୁରକ୍ଷା ପ୍ରଦାନ, ୨୦ ଲକ୍ଷ ଟଙ୍କା ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ କରାଯିବାକୁ ସାମ୍ବାଦିକ ସମ୍ମିଳନୀରେ ଦାବି କରାଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ କାର୍ଯ୍ୟକାରୀ ସଭାପତି ଶ୍ରୀମତୀ ରଶ୍ମି ମହାପାତ୍ର, ଜିନେ୍ ଦାସ, ନାରାୟଣ ଜେନା, ଦୀପକ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଖେଳ



ପର୍ଯ୍ୟବେକ୍ଷକ
PARYABEKHYAK






## ଅର୍ଜୁନପୁର-ନୂଆଗାଁ କେନାଲ୍ କଂକ୍ରିଟ୍ କାମ ଅଧାପନ୍ତରିଆ

ଧର୍ମଶାଳା, (ପିଏନ୍): ଧର୍ମଶାଳା ବ୍ଲକ୍ ଅନ୍ତର୍ଗତ ଅର୍ଜୁନପୁର-ନୂଆଗାଁ କେନାଲ୍ କଂକ୍ରିଟ୍ କାର୍ଯ୍ୟ ଅଧାପନ୍ତରିଆ ଅବସ୍ଥାରେ ରହିଛି । କଂକ୍ରିଟ୍ କାମ ସଂପୂର୍ଣ୍ଣ ହୋଇନଥିବାରୁ ଏହା ସ୍ଥାନୀୟ ଅଞ୍ଚଳର ଚାଷୀଙ୍କ କାମରେ ଲାଗିପାରୁନାହିଁ । ତ୍ରୁଟିଯୁକ୍ତ ନିର୍ମାଣ କାର୍ଯ୍ୟ ଯୋଗୁ କେନାଲ୍ ପାଣି ତଳ ଅଞ୍ଚଳକୁ ଆସୁନାହିଁ । ଉକ୍ତ କେନାଲ୍ ଚାଷଜମିକୁ ଜଳସେଚନ କରିବା ବଦଳରେ ବର୍ଷାଦିନେ ଚାଷଜମିରୁ ପାଣି କେନାଲ୍‌କୁ ଚାଲି ଯାଉଥିବା ଅଭିଯୋଗ ହୋଇଛି । ପ୍ରକାଶ ଯେ, ଧର୍ମଶାଳା ବ୍ଲକ୍ ଦେଇ ଯାଇଥିବା ହାଇଲେଭଲ୍ କେନାଲ୍(ଏଚ୍ଏଲ୍‌ସି ରେ-୧)ର ଅର୍ଜୁନପୁର ମାହାରା ନିକଟରୁ ଏହି ଶାଖା କେନାଲ୍ ବାହାରି ନୂଆଗାଁ ମୌଜା ପର୍ଯ୍ୟନ୍ତ ଯାଇଛି । ଲକ୍ଷ୍ୟ ଥିଲା ଏହା ସ୍ଥାନୀୟ ପଲାର, ବାଉଁଶରେଢ଼ା, ଅର୍ଜୁନପୁର, ଗଙ୍ଗାଧରପୁର ଓ ନୂଆଗାଁ ମୌଜାର ଶହ ଶହ ଏକର ଚାଷଜମିକୁ ଜଳସେଚିତ କରିବ । ଜାରକା ଜଳସେଚନ ଡିଭିଜନ୍ ଅଧୀନରେ ଥିବା ଏହି କେନାଲ୍‌କୁ ମଜବୁତ୍ କରିବା ପାଇଁ ୫ବର୍ଷ ପୂର୍ବେ ଏହାକୁ କଂକ୍ରିଟ୍ କରାଯାଇଥିଲା । ସେଚ ବିଭାଗ ପକ୍ଷରୁ ପ୍ରାୟ ୧୫ଲକ୍ଷ ଟଙ୍କା ବ୍ୟୟ କରାଯାଇ ସ୍ଥାନୀୟ ପାଣି ପଞ୍ଚାୟତ ମାଧ୍ୟମରେ ଏହାର କଂକ୍ରିଟ୍ କାମ ଆରମ୍ଭ ହୋଇଥିଲା । ହେଲେ ଦାୟିତ୍ୱରେ ଥିବା ଠିକାଦାର ଚୁକ୍ତି ମୁତାବକ କାମ ନକରି କାମ ଅଧାରୁ ଛାଡ଼ି ଚାଲିଯାଇଥିଲା । ଅନ୍ୟ ପକ୍ଷରେ ତ୍ରୁଟିଯୁକ୍ତ କାମ ପାଇଁ ପାଣି ତଳ ମୁଣ୍ଡକୁ ଯାଉନାହିଁ । ବରଂ ବର୍ଷାଦିନେ ଚାଷଜମିରୁ ବର୍ଷାପାଣି ଉକ୍ତ କେନାଲ୍ ଦେଇ ହାଇଲେଭଲ୍ କେନାଲ୍‌କୁ ଚାଲିଯାଉଛି । ଫଳରେ ନିକଟସ୍ଥ ୪ଟି ମୌଜାର ଶତାଧିକ ଚାଷୀଙ୍କ ଚାଷଜମି ଜଳସେଚିତ ହେବା ବଦଳରେ ଶୁଖିଲା ହୋଇଯାଉଛି । ବିକାଶର ଏହି ଓଲଟା ଚିତ୍ର ଚାଷୀମାନଙ୍କୁ ହତାଶ କରିଥିବା ବେଳେ ବୁଦ୍ଧିଜୀବୀ ମହଲରେ ବିସ୍ମୟ ସୃଷ୍ଟି ହୋଇଛି । ଏପଟେ ସ୍ଥାନୀୟ ଅଞ୍ଚଳର ଚାଷୀ ପ୍ରତିବର୍ଷ ଜଳକର ଦେଉଥିବା ବେଳେ ଚାଷ ସମୟରେ ବୁନ୍ଦେ କେନାଲ୍ ପାଣି ପାଉନାହିଁ । ଏ ସଂପର୍କରେ ଚାଷୀମାନେ ବାରମ୍ବାର ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରୁଥିଲେ ମଧ୍ୟ କେହି ଏଥିପ୍ରତି ଦୃଷ୍ଟି ଦେଉନଥିବା ଅଭିଯୋଗରେ ଦର୍ଶାଯାଇଛି । ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ କୃଷକନେତା ବେଣୁଧର ନାୟକ ଦାବି କରିଛନ୍ତି ।

## ବଞ୍ଚୋ ବାଲିଘାଟକୁ ପ୍ରଶାସନ କଲା ଜବତ

ହାଟଡିହି,(ପି.ଏନ):କେନ୍ଦୁଝର ଜିଲ୍ଲା ହାଟଡିହି ବ୍ଲକ ବଞ୍ଚୋ ଆରଆଇ ସର୍କଲ ଅଧିନ ବଂଚୋ ବାଲିଘାଟକୁ ଜବତ କଲା ହାଟଡିହି ତହସିଲ ପ୍ରଶାସନ । ମିଳିଥିବା ସୂଚନା ଅନୁଯାୟୀ ଜଣାପଡିଛି ଯେ ବେଆଇନ ଭାବେ ନିୟମିତ ବାଲି ଚୋରା ଚାଲାଣ ହେଉଥିବାରୁ ଗତକାଲି ହାଟଡିହି ତହସିଲ ପ୍ରଶାସନ ବାଲି ଚାଲାଣ ରାସ୍ତାକୁ ଟ୍ରେଞ୍ଚ ଖୋଳି ବାଡ ବୁଜିବା ସହିତ ନାଲି ପତାକା ଲଗାଇ ଜବତ କରିଛି । ଉକ୍ତ ବାଲିଘାଟକୁ ପୂର୍ବରୁ ନିଲାମ ଦିଆଯାଇଥିଲା । ବର୍ତ୍ତମାନ ବାଲି ଉତ୍ତୋଳନ ବନ୍ଦ ଅଛି । ଏହା ହାଇକୋର୍ଟରେ ଏକ ମାମଲା ରୁଜୁ ହୋଇ ବିଚାରଧିନ ଅଛି । କିନ୍ତୁ କିଛିମାସ ହେବ ବାଲି ମାଫିଆମାନେ ଟ୍ରକ, ଟ୍ରାକ୍ଟର ଯୋଗେ ବାଲି ଚୋରା ଚାଲାଣ କରି ଆସୁଛନ୍ତି । ଏହାର ଅଭିଯୋଗ ହାଟଡିହି ତହସିଲଦାର ପାଇବା ପରେ ସେଠାରେ ପହଂଚି ବାଲି ଚାଲାଣ ରାସ୍ତାକୁ ଟ୍ରେଞ୍ଚ ଖୋଳି ବାଡ ବୁଜି ନାଲି ପତାକା ମାରି ବାଲିଘାଟକୁ ବନ୍ଦ କରିଥିଲେ ।

## ମହାନଦୀ ଉଦ୍ଧାର ପାଇଁ ପାରାଦୀପରେ ସତ୍ୟାଗ୍ରହ : ମହାନଦୀ ବଂଚେଇବା ପାଇଁ ଦାବୀ ଜୋର୍ ଧରିଲା




ପାରାଦୀପ,(ପି.ଏନ): ଛତିଶଗଡର କଲମା ବ୍ୟାରେଜ୍ ନିର୍ମାଣ ପରେ ମହାନଦୀର ଓଡିଶା ପ୍ରାନ୍ତରରେ ଜଳାଭାବ ଦେଖା ଦେଲାଣି । କଲମା ବ୍ୟାରେଜ୍‌ର ଅପରପାର୍ଶ୍ୱ ସୁଖାସୋତାରେ ମହାନଦୀର ନଦୀ ଶଯ୍ୟା ବିସ୍ତିର୍ଣ୍ଣ ଅଂଚଳ ମରୁଭୂମିର ଭ୍ରମ ସୃଷ୍ଟି କରିଛି । ଓଡିଶାବାସୀଙ୍କ ଜୀବନଧାରା ହେଉଛି ମହାନଦୀ । ମହାନଦୀର ପାଣି ପ୍ରତିଟି ଓଡିଆଙ୍କ ପାଇଁ ଜୀବନଯାପନରେ ବିନିଯୋଗ ହୋଇଥାଏ । ଛତିଶଗଡ ବ୍ୟାରେଜ୍ ନିର୍ମାଣ କରିବା ପରେ ଓଡିଶାକୁ ଆଉ ପାଣି ଛାଡୁ ନାହିଁ । ଓଡିଶାକୁ ଛତିଶଗଡ ନିରବଛିନ୍ନ ଭାବେ ମହାନଦୀରେ ଜଳପ୍ରବାହିତ କରାଇବା ଦାବୀରେ ବୁଧବାର ଦିନ ମହାନଦୀ ଓ ବଙ୍ଗୋପସାଗରର ମିଳନସ୍ଥଳ ପାରାଦୀପ ନିକଟସ୍ଥ ଚଉମୁହାଣିଠାରେ ଓଡିଶା ନଦୀ ସୁରକ୍ଷା ସମିତି ପକ୍ଷରୁ ମହାନଦୀ ଉଦ୍ଧାର ପାଇଁ ସତ୍ୟାଗ୍ରହ ଅନୁଷ୍ଠିତ ହୋଇଥିଲା । ସମାଜସେବୀ ତଥା ମହାନଦୀ ବଂଚାଅ ଅଭିଯାନର ସଦସ୍ୟ ଶ୍ରୀବଲ୍ଲଭ କର ଯୋଗ ଦେଇ ମହାନଦୀକୁ ବଂଚେଇବା ପାଇଁ ସଂଗ୍ରାମ ଜାରୀ ରହିବ ବୋଲି ମତବ୍ୟକ୍ତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସମାଜସେବୀ ତଥା ଯୁବ ଆଇନଜୀବୀ ଗତିକୃଷ୍ଣ ଶତପଥି, ପାରାଦୀପ ଯୁବକ ସଂଘର ସଭାପତି ଇଂ.ମନୋଜ କୁମାର ନାୟକ, ସାମ୍ବାଦିକ ଶରତ କୁମାର ରାଉତ ପ୍ରମୁଖ ଯୋଗ ଦେଇ ସତ୍ୟାଗ୍ରହରେ ସାମିଲ ହୋଇଥିଲେ ।

## ଝୁମ୍ପୁରା ଆରଏମ୍‌ସି ର ମେରୀରାୟ ନୀତି, ରାସ୍ତା ଉପରେ ବସୁଛି ହାଟ, ଲୋକେ ଭୋଗୁଛନ୍ତି କଷ୍ଟ

କେନ୍ଦୁଝର,(ପି.ଏନ):ଚମ୍ପୁଆ ନିୟନ୍ତ୍ରିତ ବଜାର କମିଟି (ଆରଏମ୍‌ସି) ଅଧିନରେ ଥିବା ଝୁମ୍ପୁରା ବଜାର ଓ କୃଷକ ବଜାର ଆରଏମ୍‌ସି କର୍ମଚାରୀଙ୍କ ମେରୀରାୟନୀତିରେ ଚାଲିଥିବା ଅଭିଯୋଗ ହେଉଅଛି । ବଜାର ଓ ହାଟ ଗୁଡିକ ସଠିକ ଢଙ୍ଗରେ ଶାନ୍ତିଶୃଙ୍ଖଳା ଭାବେ ସୁପରିଚାଳିତ କରିବା ନିମନ୍ତେ ଆରଏମ୍‌ସି ର କିଛି ନୀତି ନିୟମର ପ୍ରାବଧାନ ରହିଛି । କିନ୍ତୁ ଝୁମ୍ପୁରା ବଜାର ଓ କୃଷକ ବଜାର ନିମନ୍ତେ ନିୟୋଜିତ ଥିବା ଆରଏମ୍‌ସି କର୍ମଚାରୀମାନେ ନିତୀନିୟମକୁ ଖୋଲାଖୋଲି ବେଖାତିର କରୁଥିବା ଅଭିଯୋଗ ହେଉଅଛି । କର୍ମଚାରୀମାନେ କେବଳ ଟିକସ୍ ଆଦାୟ ଏବଂ ନିଜ କାର୍ଯ୍ୟରେ ବ୍ୟସ୍ତ ରହୁଥିବା ଦେଖିବାକୁ ମିଳୁଛି । ସୂଚନା ମୁତାବକ ଚମ୍ପୁଆ ନିୟନ୍ତ୍ରିତ ବଜାର କମିଟି ଅଧିନରେ ଝୁମ୍ପୁରା ବଜାର ଓ କୃଷକ ବଜାର ଅର୍ନ୍ତଭୂକ୍ତ । ବିଶେଷ ଭାବେ ଝୁମ୍ପୁରା ବ୍ଲକ ରୋଡରେ ଥିବା ଝୁମ୍ପୁରା କୃଷକ ବଜାର ୧ ଏକର ୫୧ ଡିସେମିଲ ପରିମିତ ଜମି ରେ ନିର୍ମାଣଧିନ ଅଛି । ଏଠାରେ ସପ୍ତାହର ବୁଧବାର ଓ ଶନିବାର ଦୁଇ ଦିନ ବଜାର ଲାଗେ । ଏହି କୃଷକ ବଜାରରେ ଚାଷୀମାନେ ଗାଈ,ବଳଦ,ଛେଳି, ମେଣ୍ଢା ଇତ୍ୟାଦି ବିକ୍ରି କରିବା ପାଇଁ ଆଣିଥାନ୍ତି । କୃଷକ ବଜାର ରେ ଏତେ ପରିମାଣ ର ଜାଗା ଥିବା ସତ୍ୱେ ଆରଏମ୍‌ସି କର୍ମଚାରୀଙ୍କ ମେରୀରାୟ ନୀତି ଯୋଗୁଁ ବେପାରୀ ଓ ଚାଷୀମାନେ ପୂର୍ତ୍ତ ବିଭାଗର ମୁଖ୍ୟ ରାସ୍ତାକୁ ଅବରୋଧ କରି ବିକ୍ରିବଟା କରିବା ସହିତ ସାଇକେଲ,ବାଇକ ,ତିନି ଚକିଆ ଓ ଚାରି ଚକିଆ ଅଟୋ ସବୁ ରାସ୍ତା ଉପର ରଖୁଥିବା ଦେଖିବାକୁ ମିଳିଛି । ଏଭଳି ଭାବେ ମୁଖ୍ୟରାସ୍ତା କୁ ଅବରୋଧ କରାଯାଉଛି ଯେ ରାସ୍ତାରେ ଘଂଟା ଘଂଟା ଧରି ଜାମ ହେବା ସହିତ ଟ୍ରାଫିକ ସମସ୍ୟା ଉପୁଜୁଛି । ପ୍ରକାଶ ଥାଉ କି ଉକ୍ତ ପୂର୍ତ୍ତ ବିଭାଗ ରାସ୍ତା ଦେଇ ଝୁମ୍ପୁରା ବ୍ଲକର ୧୦ ଗୋଟି ପଚଂାୟତର ଲୋକମାନେ ଝୁମ୍ପୁରା ବ୍ଲକ କାର୍ଯ୍ୟାଳୟ, ଝୁମ୍ପୁରା ମେଡିକାଲ, ତହସିଲ କାର୍ଯ୍ୟାଳୟ ଓ ଝୁମ୍ପୁରା ବଜାର କୁ ବିଭିନ୍ନ କାର୍ଯ୍ୟ ନିମନ୍ତେ ଯିବା ଆସିବା କରିଥାନ୍ତି । କୃଷକ ବଜାର ଠାରେ ଟ୍ରାଫିକ ସମସ୍ୟା ଲାଗି ରହୁଥିବାରୁ ଜନସାଧାରଣ ଭିତରେ ତିବ୍ର ଅସନ୍ତୋଷ ଦେଖିବାକୁ ମିଳିଛି । କୃଷକ ବଜାର ନିକଟରେ ଥିବା ପୂର୍ତ୍ତବିଭାଗର ମୁଖ୍ୟ ରାସ୍ତାରେ ବୁଧରବାର ଦିନ ଏଭଳି ସମସ୍ୟା ଉପୁଜିଲା କି ଝୁମ୍ପୁରା ଥାନା ଅଧିକାରୀ ଆସି ରାସ୍ତା ଅବରୋଧ କୁ ନିୟନ୍ତ୍ରଣ କରିବାକୁ ପଡିଥିଲା । ଏନେଇ ଚମ୍ପୁଆ ନିୟନ୍ତ୍ରିତ ବଜାର କମିଟି (ଆରଏମ୍‌ସି) ର ସମ୍ପାଦକ ଦିଗାମ୍ବର ପ୍ରଧାନଙ୍କ ମତାମତ ଲୋଡିବାରୁ ଘଟଣା କୁ ହାଲୁକା ଭାବେ ନେଇ କଣ ହୋଇଛି, ବୁଝିବା ବୋଲି କହିଥିଲେ ।

## ଔଷଧ କମ୍ପାନୀରେ ଚାକିରୀ ଦେବାକୁ କହି ଶ୍ରମିକଙ୍କୁ ନିର୍ଯ୍ୟାତନା, ସହଯୋଗ ହାତ ବଢାଇଲେ ପୋଲିସ୍ ଅଧିକାରୀ

ଘଷିପୁରା,(ପି.ଏନ):କାମଧନ୍ଦା ନପାଇ କିଛି ଅଧିକା ରୋଜଗାର ପାଇବା ଆଶାରେ ଘଷିପୁରା ବ୍ଲକ ଅନ୍ତର୍ଗତ ବାତୋ ପଂଚାୟତର ଶ୍ରମିକ ମାନଙ୍କୁ ଚାକିରୀ ଦେବା ନାମରେ ଜଣେ ଦଲାଲ ସକ୍ରିୟ ହୋଇଛନ୍ତି ଏବଂ କାମ ନକଲେ ବନ୍ଧୁକର ଧମକ ଦେଇଥିବା ଘଟଣା ଏବେ ଚର୍ଚ୍ଚାର ବିଷୟ ପାଲଟିଛି । ଏହିପରି ଏକ ଘଟଣା ଘଟିଛି ଘଷିପୁରା ବ୍ଲକ ଅନ୍ତର୍ଗତ ବଳରାମପୁର ଗ୍ରାମର ମାନସ ଆଚାର୍ଯ୍ୟ ନାମକ ଜଣେ ବ୍ୟକ୍ତି ଆନ୍ଧ୍ରପ୍ରଦେଶର ବିଶାଖାପାଟନା ଅଂଚଳରେ ଏକ ମେଡିସିନ୍ କମ୍ପାନୀରେ ଚାକିରୀ କରାଇ ଦେବ ବୋଲି କହି ରାମଚନ୍ଦ୍ରପୁର ଥାନା ବାତୋ ଗ୍ରାମର ୧୮ଜଣ ଶ୍ରମିକ ଓମ୍ ପ୍ରକାଶ ଯେନା, ଚିନ୍ତାମଣି ଯେନା, ମିଥୁନ ଯେନା, ପ୍ରଶାନ୍ତ କୁମାର ଯେନା, ଦୀପକ କୁମାର ଯେନା, ଗଣେଶ୍ୱର ଯେନା, ରନ କୁମାର ଯେନା, ଦୁଃଖୀରାମ ଯେନା, ତପନ ଯେନା, ସିପୁ ଯେନା, କାହ୍ନା ଯେନା, କାଳନ୍ଦି ଯେନା, ଗଗନ ଯେନା, ପ୍ରଫୁଲ ଯେନା, ପ୍ରଭାତ ଯେନା, ପ୍ରକାଶ ଯେନାଙ୍କୁ ନେଇ ଚାକିରୀ କରାଇ ଦେବା ପାଇଁ ଆନ୍ଧ୍ରପ୍ରଦେଶର ବିଶାଖାପାଟନାକୁ ନେଇ ମେଡିସିନ୍ କମ୍ପାନୀ ବଦଳରେ ଏକ ଲୁହାଛଡ ତିଆରି ହେଉଥିବା କାରଖାନାରେ କାମ କରିବାକୁ ବାଧ କରିଥିଲେ । ଏଥିରେ ଏମାନ ଅମଙ୍ଗ ହେବାରୁ ଉକ୍ତ ଠିକାଦାର କାମ ନକଲେ ବନ୍ଧୁକରେ ମାରିଦେବା ପାଇଁ ଧମକ ମଧ୍ୟ ଦେଇଥିଲେ । ଫଳରେ ଶ୍ରମିକମାନେ ଭୟଭୀତ ହୋଇ ବାଧବାଧକତାରେ ୪ ଦିନ କାମ କରିବା ପରେ ହତାଶ ହୋଇ ରାମଚନ୍ଦ୍ରପୁରର ପୂର୍ବତନ ଥାନାଧିକାରୀ ବିଶ୍ୱଜିତ ବେହେରାଙ୍କୁ ଫୋନ୍‌ରେ ଯୋଗାଯୋଗ କରିଥଲେ । ପରେ ବିଶ୍ୱଜିତ ବେହେରା ବିଶାଖାପାଟନା ପୋଲିସ ସହିତ ଯୋଗସୂତ୍ର ରକ୍ଷା କରି ସେମାନଙ୍କୁ ବିଶାଖାପାଟନାରୁ ମୁକୁଳାଇଛନ୍ତି । ଏଥିସହିତ ପୋଲିସ୍ ଅଧିକାରୀ ଜଣକ ସେମାନଙ୍କୁ କଟକରୁ ଏକ ଗାଡି କରି ବାତୋ ଗ୍ରାମକୁ ପଠାଇ ଥିବା ଜଣାପଡିଛି । ଏ ନେଇ ରାମଚନ୍ଦ୍ରପୁର ଥାନାରେ ବାତୋ ଗ୍ରାମର ଯୁବକମାନେ ମାନସ ଆଚାର୍ଯ୍ୟନ୍ତ ନାମରେ ଲିଖିତ ଅଭିଯୋଗ କରିଛନ୍ତି । ପୋଲିସ୍ ତଦନ୍ତ ଜାରି ରଖିଥିବା ବେଳେ ଯଥାଶୀଘ୍ର ସମ୍ପୃକ୍ତ ଠିକାଦାରଙ୍କୁ ଗିରଫ କରିବା ପାଇଁ ରାମଚନ୍ଦ୍ରପୁର ଥାନାଧିକାରୀଙ୍କ ନିକଟରେ ଠକେଇର ଶିକାର ହୋଇଥିବା ଯୁବକମାନେ ନିବେଦନ କରିଛନ୍ତି ।

## ପ୍ରତିଦିନ ରୋଗୀଙ୍କୁ ରକ୍ତଦାନ କରି ଉଦାହରଣ ସୃଷ୍ଟି କରିଛି ମା'ମଙ୍ଗଳା ସ୍ୱେଚ୍ଛାସେବୀ ସଂଗଠନ

ଆନନ୍ଦପୁର,(ପି.ଏନ):ଆନନ୍ଦପୁର ଡାକ୍ତରଖାନାରେ ପ୍ରତିଦିନ ରକ୍ତର ଆବଶ୍ୟକତାକୁ ପୂରଣ କରିବା ପାଇଁ କିଛିଟା ମାତ୍ରାରେ ସହଯୋଗ କରି ଆସୁଛନ୍ତି ମା' ମଙ୍ଗଳା ସେବା ସଂଗଠନର ସଦସ୍ୟମାନେ । ଉକ୍ତ ସଂଗଠନର ଜଣେ ସକ୍ରିୟ ସଦସ୍ୟ ବାପୁନ ସାହୁଙ୍କ ଆଜି ଜନ୍ମଦିନ ପାଳନ ଅବସରରେ ବି-ପଜିଟିଭ୍ ଗ୍ରୁପ୍‌ର ରକ୍ତ ଦାନ କରିଥିଲେ ଏବଂ ସଂଗଠନର ବନମାଳୀ ମୁଦୁଲି, ମଣ୍ଟୁ ଜେନାଙ୍କ ସହ ଅନ୍ୟ ସଦସ୍ୟମାନେ ମିଶି ୪ ୟୁନିଟ୍ ରକ୍ତ ସଂଗ୍ରହ କରିଛନ୍ତି । ଆଗାମୀ ଦିନରେ ଆନନ୍ଦପୁର ଅଂଚଳରେ ରକ୍ତ ଅଭାବରୁ କାହାର ଜୀବନ ନଯାଉ ଏଥିପାଇଁ ଶପଥ ପାଠ କରି ପ୍ରତିଦିନ କିଛି ନା କିଛି ରକ୍ତହୀନତା ରୋଗୀ କିମ୍ବା ଗର୍ଭବତୀ ମହିଳା, ଦୁର୍ଘଟଣାଗ୍ରସ୍ତ ରୋଗୀ ମାନଙ୍କୁ ମା' ମଙ୍ଗଳା ସ୍ୱେଚ୍ଛାସେବୀ ସଂଗଠନର ସଦସ୍ୟମାନେ ରକ୍ତଦାନ କରି ଆନନ୍ଦପୁର ଅଂଚଳରେ ଉଦାହରଣ ସୃଷ୍ଟି କରିପାରିଛନ୍ତି । ସଂଗଠନର ଫାଉଣ୍ଡର ହରିହର ଓଝା ଏବଂ କୋଷାଧ୍ୟକ୍ଷ ମନୋଜ ବାରିକଙ୍କ ସହ ସମସ୍ତ ସଦସ୍ୟ ଉକ୍ତ କାର୍ଯ୍ୟକ୍ରମରେ ସବୁ ଗ୍ରୁପ୍‌ର ରକ୍ତ ସଂଗ୍ରହ କରି ରୋଗୀଙ୍କୁ ପ୍ରଦାନ କରାଯାଇଥିଲା ।

## ଅବକାରୀ ଚଢାଉ ୩ ଗିରଫ

ଆନନ୍ଦପୁର,(ପି.ଏନ):କେନ୍ଦୁଝର ଜିଲ୍ଲା ଅବକାରୀ ଅଧିକ୍ଷକ ସୀତାରାମ ମୁଦୁଲିଙ୍କ ନିର୍ଦ୍ଦେଶ କ୍ରମେ ଘଷିପୁରାର ବିଭିନ୍ନ ସ୍ଥାନରେ ଅବକାରୀ ବିଭାଗ ଚଢାଉ କରି ୪୬ ଲିଟର ଦେଶୀ ମଦ ସହିତ ୬୦୦ କି.ଗ୍ରା. ମହୁଲ ପୋଚ ଜବତ କରି ୩ ଜଣଙ୍କୁ ଗିରଫ କରାଯାଇଛି । ଗିରଫ ହୋଇଥିବା ବ୍ୟକ୍ତିମାନେ ହେଲେ ଘଷିପୁରା ଥାନା ଅନ୍ତର୍ଗତ କୁମୁଣିଆ ଗ୍ରାମର ହାବୁଲା ନାୟକ (୩୫), ଦେଓଗାଁ ଗ୍ରାମର ବୁଲୁ ମୁଖୀ (୪୨), କଇନିପୁରା ଗ୍ରାମର ଶ୍ରୀମତୀ ପାତ୍ର(୫୬) । ଏହି ଚଢାଉରେ ଅବକାରୀ କର୍ମଚାରୀ ସଂଜୀବ ସେଠୀ, ସୁଶାନ୍ତ ରାଉତ, ଲକ୍ଷ୍ମଣ ମହାନ୍ତ, ନିବେଦିତା ମାଝୀ ପ୍ରମୁଖ ସାମିଲ ଥିଲେ ।

## ଜଗାବଳିଆ ହାଇସ୍କୁଲ ରୂପାନ୍ତରିକରଣ କାର୍ଯ୍ୟ ନିମ୍ନମାନର ଅଭିଯୋଗ

ଧର୍ମଶାଳା,(ପିଏନ୍): ଧର୍ମଶାଳା ବ୍ଲକ ଅନ୍ତର୍ଗତ ପାଟପୁର ଗ୍ରାପ ଜଗାବଳିଆ ହାଇସ୍କୁଲର ରୂପାନ୍ତରିକରଣ କାର୍ଯ୍ୟ ନିମ୍ନମାନର ହେଉଥିବା ଅଭିଯୋଗ ହୋଇଛି । ଦାୟିତ୍ୱରେ ଥିବା ଠିକାଦାର କାମ ଆରମ୍ଭରୁ ଶସ୍ତା ଇଟା, ସିମେଣ୍ଟ, ଚିପ୍‌ସ ଆଦି ସାମଗ୍ରୀ ବ୍ୟବହାର କରୁଥିବାରୁ ପଞ୍ଚାୟତବାସୀ ନିର୍ମାଣ କାର୍ଯ୍ୟକୁ ବିରୋଧ କରୁଛନ୍ତି । ଏନେଇ ସେମାନେ ଧର୍ମଶାଳା ବିଡ଼ିଓ ଏବଂ ବିଭାଗୀୟ ଯନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଏହା ସତ୍ୱେ ଠିକାଦାର ନିମ୍ନମାନର ସାମଗ୍ରୀ ବ୍ୟବହାର କରିବାରୁ ସ୍ଥାନୀୟ ଅଞ୍ଚଳବାସୀ ବାରମ୍ବାର ସ୍କୁଲ୍ କାମ ବନ୍ଦ କରୁଛନ୍ତି । ଏହି ଘଟଣାକୁ ନେଇ ବିଦ୍ୟାଳୟ ପରିସରରେ ଚାପା ଉତ୍ତେଜନା ସୃଷ୍ଟି ହେଉଛି । ଖବର ପାଇ ଦାୟିତ୍ୱରେ ଥିବା ଯନ୍ତ୍ରୀ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରି ପୁଣି କାମ ଆରମ୍ଭ କରାଉଛନ୍ତି । ପୂର୍ବରୁ ଏହି ବିଦ୍ୟାଳୟରେ ନିମ୍ନମାନର ନିର୍ମାଣ କାର୍ଯ୍ୟ କରି ବିବାଦୀୟ ହୋଇପଡ଼ିଥିବା ଠିକାଦାରଙ୍କୁ ପୁଣି ରୂପାନ୍ତରିକରଣ କାର୍ଯ୍ୟ ଦାୟିତ୍ୱ ଦିଆ ଯାଉଥିବାରୁ ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି । ପ୍ରକାଶ ଯେ, ୫ଟି ଅଧୀନରେ ଥିବା ଜଗାବଳିଆ ହାଇସ୍କୁଲର ରୂପାନ୍ତରିକରଣ ନିମନ୍ତେ ପ୍ରାୟ ୬୦ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଛି । ୮ବର୍ଷ ପୂର୍ବେ ସଂପୃକ୍ତ ଠିକାଦାର ଏଠାରେ ଶ୍ରେଣୀଗୃହ ନିର୍ମାଣ କରିଥିଲେ । ନିମ୍ନମାନର କାମ ପାଇଁ ଦୁର୍ବଳ ହୋଇ ଯାଇଥିବା ଛାତକୁ ଏବେ ଗ୍ରିଡିଂ କରାଯାଉଛି । ଉକ୍ତ ଦୁର୍ବଳ ଶ୍ରେଣୀଗୃହକୁ ସ୍ମାର୍ଟ କ୍ଲାସ୍‌ରୁମ୍ କରାଯାଉଛି । ଏହି ନିର୍ମାଣ କାର୍ଯ୍ୟରେ କମ୍ ପରିମାଣର ସିମେଣ୍ଟ ବ୍ୟବହାର ହେଉଥିବା ଅଭିଯୋଗରେ ଦର୍ଶାଯାଇଛି । ଯାହାର ସ୍ଥାୟିତ୍ୱ ନେଇ ଅଭିଭାବକ ପ୍ରଶ୍ନ ଉଠାଇଛନ୍ତି । ପୂର୍ବରୁ ହୋଇଥିବା ସ୍କୁଲ ପାଚେରୀ ଏବେ ଢଳି ବିପଦସଙ୍କୁଳ ଅବସ୍ଥାରେ ଥିଲେ ହେଁ, ଏହାର ପୁନଃନିର୍ମାଣ କରାଯାଉନାହିଁ । ଏଠାରେ ଥିବା ନଳକୂପ ଦୀର୍ଘଦିନ ହେଲା ଅଚଳ ହୋଇଯାଇଥିଲେ ମଧ୍ୟ ଏହାର ମରାମତି କରାଯାଇନାହିଁ । ଗତ ଆର୍ଥିକ ବର୍ଷରେ ମନରେଗା ଯୋଜନାରେ ପାଇଖାନା ନିର୍ମାଣ ପାଇଁ ୧୫ଲକ୍ଷ ଟଙ୍କା ଅନୁଦାନ ମିଳିଥିଲା । ଏପର୍ଯ୍ୟନ୍ତ ବିଦ୍ୟାଳୟରେ ପାଇଖାନା ମଧ୍ୟ ହୋଇ ପାରିଲାନାହିଁ । ଫଳରେ ଛାତ୍ରଛାତ୍ରୀମାନେ ଶୌଚ ହେବା ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏବେ ୧୦ଲକ୍ଷ ଟଙ୍କା ବ୍ୟୟରେ ୨ଟି ସ୍ମାର୍ଟ ଶ୍ରେଣୀଗୃହ, ଦକ୍ଷତା ବିକାଶ ପ୍ରଶିକ୍ଷଣ ଓ ବିଭିନ୍ନ ସାମଗ୍ରୀ କିଣିବା ପାଇଁ ୧୦ଲକ୍ଷ, ଚେୟାର ଟେବୁଲ ଆଦି ଫର୍ଣ୍ଣିଚର କିଣିବା ପାଇଁ ୧୦ଲକ୍ଷ, ଇ-ପାଠାଗାର ପାଇଁ ୫ଲକ୍ଷ, ବିଜ୍ଞାନଗାର ୪ଲକ୍ଷ, ବିଶୁଦ୍ଧ ପାନୀୟ ଜଳ ଯୋଗାଣ ନିମନ୍ତେ ୩ଲକ୍ଷ, କ୍ରୀଡ଼ା ସାମଗ୍ରୀ ୨ଲକ୍ଷ, ଶୌଚାଳୟ, ଖେଳପଡ଼ିଆ ବିକାଶ, ସ୍କୁଲ ମଧ୍ୟରେ ପାର୍କ ଓ ରାସ୍ତା ହେବାପାଇଁ ୬ଲକ୍ଷ ଓ ଅନ୍ୟାନ୍ୟ ବିକାଶ କାର୍ଯ୍ୟରେ ୧୦ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇପାରିବ ବୋଲି ମୋ ସ୍କୁଲ ଅଭିଯାନ ଯୋଜନାରେ ବ୍ୟୟ ବରାଦ କରାଯାଇଛି । ତେବେ ନିମ୍ନମାନର କାମ କରି ବହୁ ସରକାରୀ ଅର୍ଥ ହଡ଼ପ କରାଯାଉଥିବା ନେଇ ପାଟପୁର ସରପଞ୍ଚଙ୍କ ପ୍ରତିନିଧି ଦୁଃଶାସନ ନାୟକ, ଅର୍ଜୁନ ନାୟକ, ବାଦଲ ମଲିକ, ଶିବଶଙ୍କର ପ୍ରଧାନ, ଗୁଣ୍ଡିଚା ସେଠୀ ପ୍ରମୁଖ ଅଭିଯୋଗ କରିଛନ୍ତି । ୫ଟି ସଚିବ ଓ ଯାଜପୁର ଜିଲ୍ଲାପାଳ ଏଥିପ୍ରତି ଦୃଷ୍ଟି ଦେବାକୁ ସେମାନେ ଦାବି କରିଛନ୍ତି ।


ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)
NURSERY (3+)
LKG, UKG, STD-I TO V



FIND THE DIFFERENCE
- Surveillance through CCTV Camera
- Small Classes
- Congenial Environment
- Intimate, Safe & Secured Place
- Experienced & loving teachers
- Individual attention to each child
- Spacious Playground
- AC Activity Room
- Transport Facilities

TUITION CLASSES for Std I to Std V
Timing: 5 PM to 6.30 PM

MAHARISHI PUBLIC SCHOOL
N4-F/24, IRC Village, Nayapalli, Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act


Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray